୬ ଏସିସି ଅଣ୍ଡର-୧୯ ଏସିଆ କପ୍ ସେମିଫାଇନାଲରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୩୦୬ ● ୫ ଡିସେମ୍ବର ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-306 ● 5 th December 2024, Thursday ● Bhubaneswar
Licensed to post without pre-payment of postage No- BN-60/25-27

## ବିଶ୍ୱ ଦେଖିଲା ଭାରତୀୟ ନୌସେନାର ପରାକ୍ରମ

# ୨୦୪୭ ସୁଦ୍ଧା ଭାରତ ସଂପୂର୍ଣ୍ଣ ଆତ୍ମନିର୍ଭର ହେବା ପାଇଁ କାମ କରିବ



## ନୌସେନା ଦିବସ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

**ପୁରୀ, ୪।୧୨**
**ନ୍ୟୁଜ ବ୍ୟୁରୋ**

ଡିସେମ୍ବର ୪ ତାରିଖ 'ନୌସେନା ଦିବସ' ବୁଧବାର ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ତିନିବାହିନୀର ମୁଖ୍ୟ (ସୁପ୍ରିମ କମାଣ୍ଡର) ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଭବ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ନୌସେନାମାନେ ନିଜର ପରାକ୍ରମ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଥର ପାଇଁ ପୁରୀରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ୧୫ଟି ଯୁଦ୍ଧ ଯାହାଜ, ୩୭ ହେଲିକାପ୍ଟର ଓ ଗୋଟିଏ ବୁଡ଼ା ଜାହାଜ ସାମିଲ ହୋଇଛି । ଜଳ ଓ ଆକାଶ ପଥରେ ପରାକ୍ରମ ଦେଖାଇଛନ୍ତି ନୌବୀର। ବିଭିନ୍ନ ଯୁଦ୍ଧ କୌଶଳ ନୌସେନା ପ୍ରଦର୍ଶନ କରିଛନ୍ତି। ଆକାଶରେ ଲଢୁଆ ଯୁଦ୍ଧ ବିମାନ ଉଡାଣର କୌଶଳ ପ୍ରଦର୍ଶନ କରାଯାଇଛି। ଆକାଶରେ ତ୍ରିରଙ୍ଗା ଉଡାଇଥିଲେ ମାର୍କୋସ। କମାଣ୍ଡୋଙ୍କ ଦ୍ୱାରା ଆତଙ୍କବାଦ ମୁକାବିଲାର କୌଶଳ ପ୍ରଦର୍ଶନ କରାଯାଇଥିଲା। ସୂର୍ଯ୍ୟାସ୍ତରେ ନୌସେନା ପକ୍ଷରୁ ସନସେଟ୍ କାର୍ଯ୍ୟକ୍ରମ ଆୟୋଜନ ହେବା ସହ ଜାତୀୟ ପତାକା ଓ ନୌସେନା ପତାକା ଅର୍ଦ୍ଧନିର୍ମିତ କରାଯାଇଥିଲା। ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଓ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ସମାରୋହକୁ ସମ୍ବୋଧିତ କରିଥିଲେ। ଏହି *(ପୃଷ୍ଠା ୭ରେ)*

## ରାଜସ୍ୱ ବିଭାଗର ୯୯,୪୯,୫୩ କୋଟି ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି ପାରିତ

# ସାଧାରଣ ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବାକୁ ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ



**ଭୁବନେଶ୍ୱର, ୪/୧୨**
**ନ୍ୟୁଜ ବ୍ୟୁରୋ**

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବୁଧବାର ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପର୍କିତ ମୋଟ ୯୯କୋଟି ୪୯ଲକ୍ଷ ୫୩ହଜାର ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି ପାରିତ ହୋଇଛି। ଏହି ଖର୍ଚ୍ଚ ଦାବି ଉପରେ ଦୀର୍ଘ ସମୟ ଧରି ଗୃହର ଆଲୋଚନା ପରେ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ତର ରଖିଥିଲେ। ସେ କହିଥିଲେ ଖୁବ୍ ଶୀଘ୍ର ରାଜ୍ୟରେ ଖାଲି ପଡ଼ିଥିବା ଆର.ଆଇ., ଅମିନ ପଦବୀ ପୂରଣ କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ରାଜସ୍ୱ ସେବାକୁ ସାଧାରଣ ଲୋକଙ୍କ ପାଖରେ ଉପଲବ୍ଧ କରାଇବା ପାଇଁ ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ କାର୍ଯ୍ୟକାରୀ ହେବ। ଏହି ପ୍ରକ୍ରିୟାରେ ଆର.ଆଇ ଅଫିସ୍, ତହସିଲ୍ ଅଫିସ୍ ଠାରୁ ଆରମ୍ଭ କରି ସବରେଜିଷ୍ଟର ଅଫିସ୍ ଏବଂ ସର୍ବୋଚ୍ଚସ୍ତରରେ ଥିବା କଟକ ସ୍ଥିତ ଆଇଜିଆର ଅଫିସ୍‌ରେ ବ୍ୟାପକ ଭାବେ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି। ଦୁର୍ନୀତିକୁ ରୋକିବା ପାଇଁ ସବୁ ପଦକ୍ଷେପ ନିଆଯାଇଛି। ଆର.ଆଇ ଅଫିସ୍ ଓ ତହସିଲ୍ ଅଫିସକୁ ଆଧୁନିକିକରଣ କରାଯାଉଛି। ସାଧାରଣ ଲୋକଙ୍କୁ ଦୁର୍ନୀତିମୁକ୍ତ ରାଜସ୍ୱ ସେବା ଯୋଗାଇବାକୁ ସମସ୍ତ ପଦକ୍ଷେପ ନିଆଯାଇଛି।

ରାଜସ୍ୱ ମନ୍ତ୍ରୀ କହିଥିଲେ ବେଆଇନ ଭାବେ ସରକାରୀ ଜମି ଜବର ଦଖଲ ଗଲା ୫ ମାସ ଭିତରେ ଗୋଟିଏ ହେଲେ ହୋଇନାହିଁ। ଆଗରୁ ଯେତେ ଜବର ଦଖଲ ହୋଇଛି, ସେସବୁ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଯେଉଁଠି ଭୂମିହୀନ, ଗରିବ ଜବରଦଖଲରେ ଅଛନ୍ତି, ସେମାନଙ୍କୁ ନିୟମ *(ପୃଷ୍ଠା ୭ରେ)*

## ପ୍ରୋବା-୩ ମହାକାଶଯାନରେ ତ୍ରୁଟି

### ଘୁଞ୍ଚିଲା ପିଏସଏଲଭି-ସି୫୯ ଉତ୍‌କ୍ଷେପଣ ସମୟ

**ଭୁବନେଶ୍ୱର, ୪/୧୨**
**ନ୍ୟୁଜ ବ୍ୟୁରୋ**

ଭାରତୀୟ ମହାକାଶ ଗବେଷଣା ସଂଗଠନ – ଇସ୍ରୋ, ପ୍ରୋବା-୩ ମହାକାଶଯାନରେ ଦେଖାଦେଇଥିବା ଅନିୟମିତତା କାରଣରୁ 'ପିଏସଏଲଭି-ସି୫୯'ର ଉତ୍‌କ୍ଷେପଣକୁ ଗୁରୁବାର ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛି। ବୁଧବାର ଅପରାହ୍ନ ୪ଟା ୮ ମିନିଟରେ ଏହାର ଉତ୍‌କ୍ଷେପଣ ପାଇଁ ସ୍ଥିର କରାଯାଇଥିଲା। ପ୍ରୋବା-୩ ମହାକାଶଯାନ ପିଏସଏଲଭି-ସି୫୯/ପ୍ରୋବା-୩ ଉତ୍‌କ୍ଷେପଣରେ ଅନିୟମିତତା ଦେଖାଦେବାରୁ ଗୁରୁବାର ଅପରାହ୍ନ ୪ଟା ୧୨ରେ ଉତ୍‌କ୍ଷେପଣ କରାଯିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ପିଏସଏଲଭି-ସି୫୯ ହେଉଛି ଇସ୍ରୋ ଏବଂ ନ୍ୟୁସ୍ପେସ ଇଣ୍ଡିଆ ଲିମିଟେଡର ମିଳିତ ଉଦ୍ୟମ। ପ୍ରୋବା-୩ ହେଉଛି ୟୁରୋପୀୟ ମହାକାଶ ଏଜେନ୍ସିର ଟେକ୍ନୋଲୋଜି ପ୍ରଦର୍ଶନ ଅଭିଯାନ। ଇଏସ୍ଏ ଅନୁଯାୟୀ, ଏହି ମିଶନ ଏକ ବୃହତ ସ୍ତରର ବିଜ୍ଞାନ ପରୀକ୍ଷଣ ପରିପ୍ରେକ୍ଷୀରେ ଗଠନ ଉଡ଼ାଣ ପ୍ରଦର୍ଶନ କରିବ। ଏହି ଦୁଇଟି ଉପଗ୍ରହ ମିଳିତ ଭାବେ ପ୍ରାୟ ୧୫୦ ମିଟର ଲମ୍ବର ସୋଲାର କୋରୋନାଗ୍ରାଫ୍ ପ୍ରସ୍ତୁତ କରି ସୂର୍ଯ୍ୟର କ୍ଷୁଦ୍ର କରୋନାକୁ ସୌର ରିମ୍ ନିକଟରେ ଅଧ୍ୟୟନ କରିବ। ଏହି ପରୀକ୍ଷଣ ଦୁଇଟି ମହାକାଶଯାନର ସଠିକ ସ୍ଥିତିକୁ ମାପିବା ପାଇଁ ଏକ ଉପଯୁକ୍ତ ଉପକରଣ ହେବ। ବିଭିନ୍ନ ପ୍ରକାରନୂଆ ଜ୍ଞାନକୌଶଳ ବ୍ୟବହାର କରି ଏହାକୁ ସକ୍ଷମ କରାଯିବ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଫଡ଼ନାବିସ୍ ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ

## ଏକନାଥ ସିନ୍ଦେ ଓ ଅଜିତ୍ ପାୱାର ହୋଇପାରନ୍ତି ଉପମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୪/୧୨**

ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ଭାରତୀୟ ଜନତା ପାର୍ଟିର ଦେବେନ୍ଦ୍ର ଫଡ଼ନାବିସ। ବୁଧବାର ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଜେପିର ନବନିର୍ବାଚିତ ବିଧାୟକମାନେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଦୁଇ ଉପମୁଖ୍ୟମନ୍ତ୍ରୀ ହେବେ ଶିବସେନାର ଏକନାଥ ସିନ୍ଦେ ଓ ଏନସିପିର ଅଜିତ ପାୱାର। ଗୁରୁବାର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ମୁମ୍ବାଇର ଆଜାଦ ମଇଦାନରେ ଅପରାହ୍ନ ୫ ଘଣ୍ଟା ସମୟରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ ବୋଲି ମହାରାଷ୍ଟ୍ର ବିଜେପି ସଭାପତି ଚନ୍ଦ୍ରଶେଖର ବାବନକୁଳ ଘୋଷଣା କରିଛନ୍ତି।



ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣାର ୧୧ ଦିନ ପରେ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଭାରତୀୟ ଜନତା ପାର୍ଟି ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଏ ନେଇ ଉଭୟ ଦିଲ୍ଲୀ ଓ ମୁମ୍ବାଇରେ ଦଳକୁ ଅନେକ କସରତ କରିବାକୁ ପଡ଼ିଛି। ବିଦାୟୀ ମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଅଡ଼ି ବସିବାରୁ ନୂଆ ସରକାର ଗଠନ ବିଳମ୍ବିତ ହୋଇଥିଲା। ଶେଷରେ ନୂଆ ସରକାରରେ ଉପମୁଖ୍ୟମନ୍ତ୍ରୀ ହେବାକୁ ସିନ୍ଦେ ରାଜି ହେବା ପରେ ବୁଧବାର ମହାରାଷ୍ଟ୍ର ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଦେବେନ୍ଦ୍ର ଫଡ଼ନାବିସ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି। ସେ ବୁଧବାର ରାଜ୍ୟପାଳଙ୍କୁ ଭେଟି ନୂଆ ସରକାର ଗଠନ କରିବାକୁ ଦାବି ଉପସ୍ଥାପନ କରିଛନ୍ତି।

ବିଜେପି ବିଧାୟକ ଦଳର ଏକ ବୈଠକରେ ଦେବେନ୍ଦ୍ର ଫଡ଼ନାବିସଙ୍କୁ ବିଧାୟକ ଦଳ ନେତା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ଏହା ପରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗ *(ପୃଷ୍ଠା ୭ରେ)*

# ସରକାରଙ୍କୁ ଅର୍ଥଚିନ୍ତା: ଭଡ଼ାରେ ଲାଗିବ ଅବ୍ୟବହୃତ ସରକାରୀ ଜମି

**ଭୁବନେଶ୍ୱର, ୪/୧୨**
**ନ୍ୟୁଜ ବ୍ୟୁରୋ**

ବର୍ଷବର୍ଷ ଧରି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା ସରକାରୀ ଜମି ଏଣିକି ଭଡ଼ାରେ ଦିଆଯିବ। ଏହାଦ୍ୱାରା ରାଜଧାନୀ ଭୁବନେଶ୍ୱରରେ ଥିବା ସରକାରୀ ଜମିଗୁଡ଼ିକର ମଧ୍ୟ ସଦୁପଯୋଗ ହୋଇପାରିବ। ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଖାଲି ପଡ଼ିଥିବା ପ୍ରମୁଖ ସରକାରୀ ଜମି ଓ କୋଠାଗୁଡ଼ିକର ଉପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ କରାଯିବ। ଏପରିକି ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ନିଆଯାଇଥିବା ବିପୁଳ ପରିମାଣର ଜମି ଓ ନିର୍ମିତ ବଡ କୋଠା ଯଦି କାର୍ଯ୍ୟରେ ଲାଗୁ ନଥିବ ସେସବୁକୁ ମଧ୍ୟ ଯଥାର୍ଥ ଉପଯୋଗ କରି ଅର୍ଥ ଉପାର୍ଜନ କରାଯିବ। ଏଭଳି ଢଙ୍ଗରେ ବିଭିନ୍ନ ବିଭାଗର ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅବ୍ୟବହୃତ ସରକାରୀ ଜମି ଓ କୋଠାଗୁଡ଼ିକର ସଦୁପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ଆନୁଷ୍ଠାନିକ କୌଶଳ ଆପଣାଇବା ନିମନ୍ତେ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି । ନିଜ ବିଭାଗ ଅଧୀନରେ ଥିବା ବୃହତ୍ କୋଠା ଅବା ଜମିକୁ ଚିହ୍ନଟ କରିବାକୁ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି । ବିଶେଷକରି ଜିଲ୍ଲାଗୁଡ଼ିକରେ ଥିବା ଆଦିବାସୀ ସଂଗ୍ରହାଳୟ, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମନ୍ୱିତ ଭିତିଭୂମି କମ୍ପେକ୍ଲସ ଗୁଡ଼ିକ ଉଦ୍ଦିଷ୍ଟ କାର୍ଯ୍ୟରେ ଉପଯୋଗ ହେଉନାହିଁ। ତେଣୁ ସମ୍ପୃକ୍ତ ବିଭାଗ ଗୁଡ଼ିକ ଏସବୁ ସରକାରୀ ସମ୍ପତ୍ତିର ସଦୁପଯୋଗ କରି ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ପିପିପି ମଡେଲ ସମେତ ଯଥାର୍ଥ ଆବଶ୍ୟକ କୌଶଳ ଆପଣାଇବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି। ସେହିପରି ବିଭିନ୍ନ ସରକାରୀ ବିଭାଗ ଓ ସରକାରଙ୍କ ସଂସ୍ଥାଗୁଡ଼ିକ ପାଖରେ ବୃହତ୍ କୋଠା ଓ ସରକାରୀ ଜମି ରହିଛି ଯାହାକି ବିଶେଷ ବ୍ୟବହାରରେ ଲାଗୁନି ଅବା ଯେଉଁଥିପାଇଁ ତାହା ନିର୍ମାଣ ଅବା ଆବଣ୍ଟିତ ହୋଇଥିଲା ସେ କାର୍ଯ୍ୟରେ ଲାଗୁନି ସେସବୁ କୋଠା ଓ ଜମିକୁ ଚିହ୍ନଟ କରି ଯଥାର୍ଥ ପରିଚାଳନା ମଡେଲ ମାଧ୍ୟମରେ ତା'ର ବିକଳ୍ପ ଉପଯୋଗ କରିବାକୁ ମଧ୍ୟ କୁହାଯାଇଛି । ଶ୍ରୀ ଆହୁଜା ଆହୁରି ମଧ୍ୟ କହିଛନ୍ତି ଯେ, ଭୁବନେଶ୍ୱରରେ ଜାତୀୟସ୍ତରର ବହୁ ଅନୁଷ୍ଠାନ ସ୍ଥାପନ *(ପୃଷ୍ଠା ୭ରେ)*





# ବିଦ୍ୟୁତ୍ କମ୍ପାନୀ ଉପରେ ବାକି ପଡିଛି ୬,୫୮୭ କୋଟି



**ଭୁବନେଶ୍ୱର,୪।୧୨**
**ନ୍ୟୁଜ ବ୍ୟୁରୋ**

ରାଜ୍ୟର ଚାରୋଟି ବିଦ୍ୟୁତ ବିତରଣ କମ୍ପାନୀ ସମୁଦାୟ ବାକିପଡିଛି ବା ବକେୟା ରହିଛି ୬,୫୮୭ କୋଟି ଟଙ୍କା। ବୁଧବାର ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏହି ଚାରୋଟି କମ୍ପାନୀ ମଧ୍ୟରେ ସେସୁ ଉପରେ ସର୍ବାଧିକ ୨,୬୫୧ କୋଟି ଟଙ୍କା ବକେୟା ରହିଥିବା ବେଳେ ନେସ୍କୋ ଉପରେ ୯୫୧ କୋଟି, ୱେସ୍କୋ ଉପରେ ୧,୬୭୭ କୋଟି ଏବଂ ସାଉଥକୋ ଉପରେ ୧,୩୦୦ କୋଟି ଟଙ୍କା ବକେୟା ରହିଛି। ଏ ସମସ୍ତ ଚାରୋଟି କମ୍ପାନୀ ଟାଟା ପାୱାର ଅଧୀନରେ ଆସୁଛନ୍ତି। ଯାହା ବର୍ତ୍ତମାନ ସେସୁ ପରିବର୍ତ୍ତନ ହୋଇ ଟିପିସିଓଡିଏଲ ଭାବେ, ନେସ୍କୋ ପରିବର୍ତ୍ତନ ହୋଇ ଟିପିଏନଓଡିଏଲ, ୱେସ୍କୋ ପରିବର୍ତ୍ତନ ହୋଇ ଟିପିଡବ୍ଲୁଓଡିଏଲ ଏବଂ ସାଉଥକୋ ପରିବର୍ତ୍ତନ ହୋଇ ଟିପିଏସଓଡିଏଲ ଭାବେ କାର୍ଯ୍ୟ କରୁଛି। ତେବେ ଏ ସମସ୍ତ ବକେୟା ପ୍ରଦାନ କରିବା ଲାଗି ଗ୍ରୀଡକୋ ଟାଟା ପାୱାରର ନୂତନ ମ୍ୟାନେଜମେଣ୍ଟ ସହିତ କାର୍ଯ୍ୟ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

# ଓଡ଼ିଶା ସମେତ ଆଠ ରାଜ୍ୟରେ ଭୂମିକମ୍ପର ଝଟକା



**ନୂଆଦିଲ୍ଲୀ, ୪/୧୨**

ବୁଧବାର ଓଡ଼ିଶା ସମେତ ଆଠ ରାଜ୍ୟରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି । ସକାଳେ ୩ ରାଜ୍ୟରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଲୋକମାନେ ଭୟଭୀତ ହୋଇ ଘରୁ ବାହାରି ଆସିଥିଲେ। ଓଡ଼ିଶା, ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଝାଡଖଣ୍ଡ ଏବଂ ଉତ୍ତରପ୍ରଦେଶରେ ଭୂମିକମ୍ପ ଅନୁଭୂତ ହୋଇଛି । ତିନୋଟି ରାଜ୍ୟରେ ଘଟିଥିବା ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୩ ମାପ କରାଯାଇଥିଲା। ବୁଧବାର ସକାଳୁ ମାଲକାନଗିରି ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ସକାଳ ୭ଟା ୮ ମିନିଟରେ ମାଲକାନଗିରି ଜିଲ୍ଲାର କିଛି ଅଞ୍ଚଳରେ ଏହି ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ପ୍ରାୟ ୫ ରୁ ୭ ସେକେଣ୍ଡ ପର୍ଯ୍ୟନ୍ତ ଖୁବ୍‌କମ ସମୟ ପାଇଁ ଏହି ଝଟକା ଅନୁଭୂତ ହୋଇଥିଲା। ତେବେ ଝଟ୍‌କା ଅନୁଭୂତ କରିବା ପରେ ଲୋକେ ଭୟଭୀତ ହେବା ସହ କିଛି ଲୋକ ଘରୁ ବାହାରକୁ ବାହାରି ଆସିଥିଲେ। ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି ନେଇ ସୂଚନା ମିଳିନାହିଁ। ସେହିପରି ପ୍ରାୟ ସକାଳ ୭ଟା ବେଳେ ତେଲେଙ୍ଗାନାର ମୁଲୁଗ ଜିଲ୍ଲାରେ ଏକ ଭୂମିକମ୍ପ ହୋଇଥିଲା। ତେଲେଙ୍ଗାନା ବ୍ୟତୀତ ଛତିଶଗଡରେ ମଧ୍ୟ ଭୂମିକମ୍ପ ହୋଇଛି। ଉଭୟ ରାଜ୍ୟରେ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୩ ରହିଥିଲା। ଛତିଶଗଡର ବିଜାପୁର, ସୁକମା ଏବଂ ଜଗଦଲପୁରରେ ଭୂମିକମ୍ପ ଅନୁଭୂତ ହୋଇଥିଲା। *(ପୃଷ୍ଠା ୭ରେ)*

## ଓବିସିଙ୍କ ପାଇଁ ସଂରକ୍ଷଣ ପ୍ରସ୍ତାବ ବିଚାରାଧୀନ

**ଭୁବନେଶ୍ୱର, ୪/୧୨**
**ନ୍ୟୁଜ ବ୍ୟୁରୋ**

ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ, ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୁଧବାର ବିଧାନସଭାରେ ତାଙ୍କ ବିଭାଗ ଖର୍ଚ୍ଚଦାବି ଆଲୋଚନା ଉତ୍ତରରେ କହିଛନ୍ତି ଓବିସି ସଂରକ୍ଷଣ ପ୍ରସ୍ତାବ ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ରହିଛି। ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ଅତୀତରେ ଆଦିବାସୀଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଉପଦେଷ୍ଟା କମିଟି ବୈଠକ ହେଉନଥିଲା। ଏବେ ଏହି କମିଟିର ପୁନର୍ଗଠନ କରାଯାଇ ବୈଠକ କରାଯିବା ସହ ଆଦିବାସୀଙ୍କ ବିକାଶ ଉପରେ ଧ୍ୟାନ ଦିଆଯିବ। ପେଶା ଆଇନ ଲାଗୁ କରାଯିବ ଓ ଗ୍ରାମସଭାର ନିଷ୍ପତ୍ତି ଅନୁସାରେ ଆଦିବାସୀ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ଚାକିରିଆ ତ ଖାଆନ୍ତି କମ୍
ଗରିବର ଶୁଖେ ପେଟ
ହାଣ୍ଡିଶାଳେ ମାଇପିଙ୍କ ରାଗ
ଦରଦାମ୍ ମାରେ ଛାଟ
ଟୁପୁରୁ ଟାପୁରୁ ବାଟ ଘାଟ
କିଣି ନ ପାରିକି ଖାଇବା ଛାଡିଲେ
ନିଶ୍ଚୟ ହେବାଯେ ଫଟ

# ରାଜ୍ୟରେ ବୁଲୁଛନ୍ତି ୧୭.୩୪ଲକ୍ଷ ବୁଲା କୁକୁର



**ଭୁବନେଶ୍ୱର, ୪/୧୨**
**ନ୍ୟୁଜ ବ୍ୟୁରୋ**

ରାଜ୍ୟର ସହରାଞ୍ଚଳରେ ବୁଲା କୁକୁରଙ୍କ ଉତ୍ପାତ ବଢି ଚାଲିଛି। ପ୍ରତିଦିନ ଶହ ଶହ ଲୋକ କୁକୁର କାମୁଡାର ଶିକାର ହେଉଛନ୍ତି। ୨୦୧୯ରେ କରାଯାଇଥିବା ବିଂଶତମ ପଶୁ ଗଣନା ଅନୁସାରେ ରାଜ୍ୟରେ ବୁଲା କୁକୁରଙ୍କ ସଂଖ୍ୟା ୧୭.୩୪ଲକ୍ଷ। ୨୦୨୩ ଜାନୁଆରୀରୁ ୨୦୨୪ ନଭେମ୍ବର ମାସ ପର୍ଯ୍ୟନ୍ତ ରାଜ୍ୟରେ ୫ ଲକ୍ଷ ୨ ହଜାର ୬୭୨ ଜଣଙ୍କୁ କୁକୁର କାମୁଡ଼ିଛି। ବୁଧବାର ବିଧାନସଭାରେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି।

ବିଧାୟକ କାଡ୍ରାକା ଆପାଲାସ୍ୱାମୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ୨୦୨୩ରେ ରାଜ୍ୟରେ ୨,୫୯,୧୦୭ ଜଣଙ୍କୁ କୁକୁର କାମୁଡ଼ିଥିଲା। ସେହିପରି ୨୦୨୪ରେ ନଭେମ୍ବର ପର୍ଯ୍ୟନ୍ତ ଅର୍ଥାତ୍ ଗଲା ୧୦ ମାସରେ ୨,୪୩,୫୬୫ ଜଣଙ୍କୁ କୁକୁର କାମୁଡ଼ିଛି। ୨୦୨୩ ଜାନୁଆରୀ ମାସରେ ୨୭,୬୯୬ ଜଣଙ୍କୁ କୁକୁର କାମୁଡ଼ି ଥିବା ବେଳେ ଫେବ୍ରୁୟାରୀରେ ୨୦,୭୬୩, ମାର୍ଚ୍ଚରେ ୨୧,୮୨୪, ଏପ୍ରିଲରେ ୧୯,୩୨୫, ମେ'ରେ ୧୮,୭୬୩, ଜୁନ୍‌ରେ ୧୯,୯୭୦, ଜୁଲାଇରେ ୧୮,୬୯୪, ଅଗଷ୍ଟରେ ୧୭,୭୧୪, ସେପ୍ଟେମ୍ବରରେ ୧୯,୩୨୧, ଅକ୍ଟୋବରରେ *(ପୃଷ୍ଠା ୭ରେ)*

# ବିପଦପୂର୍ଣ୍ଣ ଖାଦ୍ୟ ତାଲିକାରେ ପ୍ୟାକେଜ ପାଣି

## ମାନକ ମାପିବ ଏଫ୍‌ଏସ୍‌ଏସ୍‌ଏଆଇ

**ନୂଆଦିଲ୍ଲୀ, ୪/୧୨**

କେବଳ ପ୍ୟାକେଜିଂ ଖାଦ୍ୟ ନୁହେଁ, ପାନୀୟ ଜଳ ବି ସ୍ୱାସ୍ଥ୍ୟ ପାଇଁ ହାନୀକାରକ ହୋଇପାରେ। ଭାରତର ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ ପ୍ୟାକେଜ୍ ପାଣି ଏବଂ ମିନେରାଲ ପାଣିକୁ ବିପଦପୂର୍ଣ୍ଣ ଖାଦ୍ୟ ଶ୍ରେଣୀରେ ତାଲିକାଭୁକ୍ତ କରିଛି। ବର୍ତ୍ତମାନ ଏହାର କଡ଼ା ଯାଞ୍ଚ ଏବଂ ଅଡିଟ୍ କରାଯିବ। ଏହି ଉତ୍ପାଦଗୁଡିକ ଉପରେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ପ୍ରମାଣପତ୍ରର ଆବଶ୍ୟକତାକୁ ହଟାଇବା ପାଇଁ ସରକାର ଅକ୍ଟୋବରରେ ନିଷ୍ପତ୍ତି ନେଇଥିଲେ। ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁସାରେ, କୌଣସି ବି ସାମଗ୍ରୀର ଲାଇସେନ୍ସ କିମ୍ବା ପଞ୍ଜୀକରଣ ପୂର୍ବରୁ ବାଧ୍ୟତାମୂଳକ ଭାବେ ଯାଞ୍ଚ କରାଯିବ। ଏହାପରେ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

ତେବେ ଏଫ୍‌ଏସ୍‌ଏସ୍‌ଏଆଇ ପ୍ୟାକେଜ୍ ପାଣି ଏବଂ ମିନେରାଲ ପାଣିକୁ ଅଧିକ ବିପଦପୂର୍ଣ୍ଣ ଖାଦ୍ୟ ତାଲିକାଭୁକ୍ତ କରିବାର ଅର୍ଥ ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ ଅସୁରକ୍ଷିତ। ଏଥିପାଇଁ ଚିନ୍ତିତ ହେବାର ଆବଶ୍ୟକତା ନାହିଁ, ବରଂ ଏଫ୍‌ଏସ୍‌ଏସ୍‌ଏଆଇର ଏହି ପଦକ୍ଷେପ ପରେ ଆଗକୁ ଗ୍ରାହକଙ୍କ ନିକଟରେ ଉଚ୍ଚମାନର ଏବଂ ସୁରକ୍ଷିତ ପାଣି ପହଞ୍ଚିବ।

କାରଣ ସଂଶୋଧିତ ନିୟମ ଅନୁସାରେ, ଖାଉଟିଙ୍କ ପାଇଁ ଗୁଣବତ୍ତା ଏବଂ ନିରାପତ୍ତା ବଜାୟ ରଖିବା ଉଦ୍ଦେଶ୍ୟରେ ଉତ୍ପାଦଗୁଡ଼ିକର ନିୟମିତ ଯାଞ୍ଚ ଏବଂ ବାର୍ଷିକ ଅଡିଟ୍ କରାଯିବାକୁ ଲକ୍ଷ୍ୟ *(ପୃଷ୍ଠା ୭ରେ)*





# ଅପପୁଷ୍ଟି ରୋକିବା ପାଇଁ ପ୍ରୋଟିନ୍ ସପ୍ଲିମେଣ୍ଟ ବିତରଣ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଶିଶୁ ଏବଂ ମହିଳା ବିକାଶ ସମିତି ଭୁବନେଶ୍ୱରଙ୍କ ପକ୍ଷରୁ ବାଂଶପାଳ ବ୍ଲକ ବାୟାକୁମୁଟିଆ ଗ୍ରାମରେ ମାଲ୍ ନ୍ୟୁଟ୍ରିସନ୍‌ର ସମସ୍ୟା ଦୂରୀକରଣ ଏବଂ ପ୍ରୋଟିନ୍ ସପ୍ଲିମେଣ୍ଟ ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଜନଜାତି ବ୍ୟକ୍ତିମାନଙ୍କୁ, ତାଙ୍କର ଶିଶୁମାନଙ୍କୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ପୁଷ୍ଟି ଆହାର ଦେଇ ସ୍ୱାସ୍ଥ୍ୟ ସୁଧାର କରାଇବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମ୍ମାନିତ ବିଧାୟକ ଫକୀର ମୋହନ ନାୟକ ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥି ଚାଇଲ୍ଡ ଏବଂ ମହିଳା ବିକାଶ ସମିତିଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ମାଲ୍ ନ୍ୟୁଟ୍ରିସନ୍ ସମସ୍ୟା ନିରାକରଣ ପାଇଁ ସମୂହ ଉଦ୍ୟମର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ । ଅଧକ୍ଷ ମେଜର ଡା. କଳ୍ପନା ଦାସ, ଚାଇଲ୍ଡ ଏବଂ ମହିଳା ବିକାଶ ସମିତି ପ୍ରୋଟିନ୍ ସପ୍ଲିମେଣ୍ଟର ଗୁରୁତ୍ୱ ବିଷୟରେ ବିସ୍ତାରିତ ଆଲୋଚନା କରିଥିଲେ ଏବଂ କିପରି ମାଲ୍ ନ୍ୟୁଟ୍ରିସନ୍ ଆମର ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ବିକାଶକୁ ମାନସିକ ଏବଂ ଶାରୀରିକ ଭାବରେ ପ୍ରଭାବିତ କରେ ସେଥିରେ ଆଲୋକପାତ କରିଥିଲେ । ସମିତି ପକ୍ଷରୁ ମାର୍ଜିନାଲାଇଜଡ ସମ୍ପ୍ରଦାୟଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ଜାଗରୁକ୍ କରିବା ପାଇଁ ଏହାକୁ ଗୁରୁତ୍ୱ ଦିଆଯାଉଛି । ଏକ୍‌ଜୁଟ୍ ହୋଇଥିବା ଆଦିବାସୀ ଗ୍ରାମୀଣ ମାନଙ୍କୁ ପ୍ରୋଟିନ୍ ସପ୍ଲିମେଣ୍ଟ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ସମାଜସେବୀ ଏ.ଆର୍. ଖାନ୍ ସଂଯୋଜନା କରିଥିଲେ ଏବଂ ଏହା ସଫଳ ଭାବରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି କହିଲେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ବିଶେଷ ଭାବେ ଯତ୍ନବାନ ଏହା ଆମ ପରିଶ୍ରମୀ ଜନଜାତି ଭାଇ ଓ ଭଉଣୀ ମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଚାଇଲ୍ଡ ଏବଂ ମହିଳା ବିକାଶ ସମିତି ଆଗାମୀ ଦିନରେ ମଧ ଏପରି ଉଦ୍ୟମକୁ ଜାରି ରଖିବାକୁ ଅନୁଷ୍ଠାନ ପ୍ରତିଶ୍ରୁତିବଦ୍ଧ ବୋଲି କଳ୍ପନା ଦାସ କହିଥିଲେ । ସ୍ଥାନୀୟ ସରପଞ୍ଚ, ସମିତି ସଦସ୍ୟ, ଆଶାକର୍ମୀଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ତିନିଶହରୁ ଉର୍ଦ୍ଧ୍ୱ ମହିଳା ଶିଶୁଙ୍କୁ ଛତୁଆ, ହରଲିକ୍ସ ବିସ୍କୁଟ୍, ଗ୍ଲୁକୋଜ୍ ବିତରଣ କରାଯାଇଥିଲା ।

# କିଡ୍‌ନୀ ରୋଗୀଙ୍କୁ ମିଳୁନି ଔଷଧ:ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ରୋଗୀ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବିଭିନ୍ନ ଅଞ୍ଚଳର କିଡନୀ ପ୍ରପୀଡିତ ରୋଗୀଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଔଷଧ ପ୍ରଦାନରେ ବିଫଳ ହେଉଥିବାରୁ ରୋଗୀମାନେ ବୌଦ୍ଧ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସମାଜସେବୀ ଇଂ ବିକାଶ ମହାକୁଳଙ୍କ ନେତୃତ୍ୱରେ ରୋଗୀ ଓ ରୋଗୀ ସମ୍ପର୍କୀୟ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ଅଭିଯୋଗ କରିଥିଲେ । ଦୀର୍ଘ ୧ ମାସ ହେବ ପାଣ୍ଠିର ଅଭାବ ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ନିୟମିତ ଔଷଧ ପ୍ରଦାନ କରିବାରେ ବିଫଳ ହେଉଛି । ଫଳରେ ଜିଲ୍ଲାର ୪୦୦ ରୁ ଉର୍ଦ୍ଧ୍ୱ ଗରିବ ରୋଗୀଙ୍କ ଜୀବନ ସଙ୍କଟାପନ୍ନ ହୋଇଥିବା ଅଭିଯୋଗ କରିଥିଲେ । ସେହିପରି କିଡନୀ ରୋଗୀଙ୍କ ରକ୍ତ ପରୀକ୍ଷା ପାଇଁ ଥିବା ମେସିନ୍ ଅଚଳ ହୋଇପଡିଥିବା ହେତୁ ରୋଗୀ ରକ୍ତ ପରୀକ୍ଷା ନକରି ହନ୍ତସନ୍ତ ହେଉଥିବା ପ୍ରକାଶ କରିଥିଲେ । ଜିଲ୍ଲାପାଳ ଏ ସମସ୍ତ ସମସ୍ୟା ସମ୍ପର୍କରେ ସିଡିଏମ୍‌ଓଙ୍କ ସହ ଫୋନ୍‌ରେ କଥା ହୋଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ଆଗାମୀ ୭ ଦିନ ମଧ୍ୟରେ ଏ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଇଂ ବିକାଶ ମହାକୁଡ଼ ଚେତାବନୀ ଦେଇଛନ୍ତି ।

# ବିଶ୍ୱ ଆଜି ମୁରବୀ ଶୂନ୍ୟ:ପରିଣାମ ସ୍ୱରୂପ କେତେକ ରାଷ୍ଟ୍ରରେ ଯୁଦ୍ଧ, ଅଶାନ୍ତି

**କଟକ, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱରେ କେହି ମୁରବୀ ନଥିବାରୁ ଆଜି କେହି କାହା କଥା ମାନିବାକୁ ରାଜି ନୁହେଁ । କିଛି ରାଷ୍ଟ୍ର ନେତା ସେମାନଙ୍କ ଜିଦ୍‌ରେ ଅଟଳ ରହୁଥିବାରୁ ଯୁଦ୍ଧ ଲାଗି ରହିଛି । କୌଣସି ସମାଧାନ ହୋଇପାରୁନି ଫଳରେ ସେ ସବୁ ରାଷ୍ଟ୍ରରେ ଶାନ୍ତି ବ୍ୟାହତ ହୋଇଛି ବୋଲି ଥିଙ୍କର୍ଷ କ୍ଲବର ୧୦୭ତମ ଆଭାସି ଆଲୋଚନାରେ ବହୁ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି । ଅବସରପ୍ରାପ୍ତ ବିଶିଷ୍ଟ ପ୍ରଶାସକ ବିବେକ ପଟ୍ଟନାୟକ, ମେଜର ଜେନେରାଲ ଅତନୁ ପଟ୍ଟନାୟକ, ଡ. ନନ୍ଦ ନନ୍ଦନ ଦାସ, ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କର ମତ ଦେଇଥିଲେ । ଜାତି ସଂଘ, ଜି ଟୋଏଣ୍ଟି, ପ୍ରତିଷ୍ଠା ଅର୍ଥହୀନ ହୋଇପଡିଛି । ଏ ଦିଗରେ ସମସ୍ତେ ସଚେତନ ହୋଇ ବିଭିନ୍ନ ଆନ୍ତର୍ଜାତୀୟ ଅନୁଷ୍ଠାନ ଓ ବିଶ୍ୱସ୍ତରୀୟ ନେତା ମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପତ୍ର ଲେଖାଯିବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତି ହୋଇଛି । ଲଣ୍ଡନରୁ ଡାକ୍ତର ଭଗ୍ୟଶ୍ରୀ ସିଂ ସ୍ୱାଗତ ସୂଚନା ଦେଇଥିଲେ । ବରଦା ଦାସ ସଭାକୁ ସଂଯୋଜନା କରିଥିଲେ । ସର୍ବଶ୍ରୀ ଜୟକୃଷ୍ଣ ଚୌଧୁରୀ, ବିନୋଦ ଦାସ, ପ୍ରତାପ ରାଉତ, ଦିପାୟନ ପଟ୍ଟନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବହୁ ବୁଦ୍ଧିଜୀବୀ ୟୁଟ୍ୟୁବ୍‌ରେ ଅଂଶଗ୍ରହଣ କରିଥିଲେ ।




# ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ପରିଚର୍ଚ୍ଚା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ଡି.ଏନ. ରିସୋର୍ଟ ଠାରେ ମାରାଡ଼ି ଯୁବା ମଞ୍ଚ ସେଣ୍ଟ୍ରାଲ ଶାଖା ଏବଂ ଏମ୍‌ଏମ୍‌ଆଇ ନାରାୟଣ ହସ୍ପିଟାଲ ରାୟପୁର ଦ୍ୱାରା ମିଳିତ ଆନୁକୂଲ୍ୟରେ ଏକ ବିଶାଳ ସ୍ୱାସ୍ଥ୍ୟ ପରିଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ଏମ୍‌ଏମ୍‌ଆଇ ନାରାୟଣ ହସ୍ପିଟାଲ୍ ରାୟପୁରର ବରିଷ୍ଠ ହୃଦୟ ରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ ଶେଖର ପାଢ଼ୀ, ଅର୍ଥୋପେଡିକ ବିଶେଷଜ୍ଞ ଡାକ୍ତର ପଙ୍କଜ କୁମାର ପଟେଲ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାର୍କେଟିଙ୍ଗ ହେଡ ସତନାମ ସିଂ, ମାରୱାଡ଼ି ଯୁବା ମଞ୍ଚ ସେଣ୍ଟ୍ରାଲ ଶାଖା ସଭାପତି ଅମିତ ଶର୍ମା, କାର୍ଯ୍ୟକ୍ରମ ସଂଯୋଜକ ଅଙ୍କୁର କୁମାର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ରହିଥିଲେ । ମଞ୍ଚ ପରିଚାଳନା ଶାଖା ସଚିବ ଯୁବା ଉମେଶ କନୋଡିଆ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଜୈନ ଏଭଳି ଆୟୋଜନ କରୁଥିବା ମାରୱାଡି ଯୁବା ମଞ୍ଚ ସେଣ୍ଟ୍ରାଲ ଶାଖାକୁ ଧନ୍ୟବାଦ ଦେବା ସହ ଆଗକୁ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରହୁ ଯାହାଫଳରେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ସଚେତନତା ବାର୍ତ୍ତା ପହଞ୍ଚିପାରିବ ବୋଲି କହିଥିଲେ । ଏହି ସ୍ୱାସ୍ଥ୍ୟ ଆଲୋଚନା କାର୍ଯ୍ୟକ୍ରମରେ ଡାକ୍ତର ଶ୍ରୀ ପାଢୀ ଏବଂ ଡାକ୍ତର ପଟେଲ ରୋଗ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ । ଏହା ସହିତ ସମସ୍ତଙ୍କୁ ହୃଦୟ ରୋଗର କାରଣ ଏବଂ ଲକ୍ଷଣ ବିଷୟରେ ଅବଗତ କରିଥିଲେ । ଆଧୁନିକ ଯୁଗର ଲାଇଫ୍ ଷ୍ଟାଇଲ୍, ଖାଇବାରୁ ଆରମ୍ଭ କରି ଶୋଇବା ଯାଏ କେମିତି ରହିବା କଥା, କଣ ସବୁ କରିବା କଥା, କଣ ନ କରିବା କଥା ତାହା ଡାକ୍ତର ଚିକିନିଖିରେ ବୁଝାଇଥିଲେ ।

# ଜାତୀୟ ଉର୍ଦ୍ଦୁ ଆଲୋଚନାଚକ୍ର ଅନୁଷ୍ଠିତ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ତଥା ଓଡ଼ିଶା ଉର୍ଦ୍ଦୁ ଏକାଡେମୀ (ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର)ର ମିଳିତ ସହଯୋଗରେ ଏକଦିବସୀୟ ଜାତୀୟ ଉର୍ଦ୍ଦୁ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଅଛି । ଏହି ଆଲୋଚନା ଚକ୍ରର ମୂଖ୍ୟ ପ୍ରସଙ୍ଗ 'ଶିବଲି ନୋମାନି:ସମସାମୟିକ ସାହିତ୍ୟିକ ପ୍ରତିଭା ଏବଂ ପ୍ରାସଙ୍ଗିକତା' ରହିଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ସମ୍ମାନୀତ ଅତିଥିଭାବେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ମୂଖ୍ୟବକ୍ତା ଭାବେ ଉତ୍ତର ପ୍ରଦେଶ ସ୍ଥିତ ଆଜମଗଡରେ ଅବସ୍ଥିତ ଶିବଲି ଏକାଡେମୀର ବରିଷ୍ଠ ଗବେଷକ ଜନାବ ଉମେର-ଅସ-ସିଦ୍ଦିକି, ଭୁବନେଶ୍ୱର ସ୍ଥିତ ଓଡ଼ିଶା ଉର୍ଦ୍ଦୁ ଏକାଡେ଼ମୀ ଭାଇସ୍ ପ୍ରେସିଡେଣ୍ଟ ଜନାବ ନଫିସ ଦସ୍ତାଭି ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର, ପ୍ରତିଷ୍ଠିତ ଉର୍ଦ୍ଦୁ ସାହିତ୍ୟିକ ଶିବଲି ନୋମାନିଙ୍କ ସାହିତ୍ୟିକ ଜୀବନ ସଂପର୍କରେ ସବିଶେଷ ଅବଗତ କରାଇଥିଲେ । ମୁଖ୍ୟବକ୍ତା ଜନାବ ଉମେର-ଅସ-ସିଦ୍ଦିକି, ଶିବଲିଙ୍କ ରଚିତ ପୁସ୍ତକ, କବିତା ଓ ହଜରତ ପ୍ରଫେଟ ମହମ୍ମଦଙ୍କ ସଂପର୍କରେ ଲେଖିଥିବା ଜୀବନୀ ଗ୍ରନ୍ଥ ଉପରେ ଆଲୋକପାତ କରିଥିଲେ । ଏଥିସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉର୍ଦ୍ଦୁ ଭାଷା ସାହିତ୍ୟର ବିକାଶ ନେଇ ଯତ୍ନଶୀଳ ରହିବାର ପ୍ରୟାସ ଯୋଗୁଁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ । ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ବେହେରା ଉର୍ଦ୍ଦୁ ଭାଷାରେ ରଚିତ କବିତାଗୁଡ଼ିକୁ ଓ ଶବ୍ଦର ବ୍ୟବହାରିକ ଉଦାହରଣ ଦେଇ ପ୍ରଶଂସିତ କରିଥିଲେ । ଏହି ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଡ଼କ୍ଟର ଜାମସେଦ ଅହମଦ, ଡ଼କ୍ଟର ସୟିଦ ଅହମଦ, ଡ଼କ୍ଟର ଅହମଦ ବଦାର, ଡ଼କ୍ଟର ମହମ୍ମଦ ହୁସେନ ଜମ୍ମି, ଡ଼କ୍ଟର ସାଜିୟା ତମକିନ ଓ ଡ଼କ୍ଟର ଅଶରଫ ରେହେମାତୁଲ୍ଲା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ । ଏହି ଆଲୋଚନା ଚକ୍ରରେ କଲିକତା, ଝାଡ଼ଖଣ୍ଡ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଧାମନଗର ଡିଗ୍ରୀ ମହାବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଉର୍ଦ୍ଦୁ ବିଶେଷଜ୍ଞ ଓ ଗବେଷକ ଅଂଶଗ୍ରହଣ କରିଥିଲେ । ଗବେଷଣାରତ ଅଧାପକ-ଅଧାପିକାମାନଙ୍କ ସହ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜର ଗବେଷଣାର ସନ୍ଦର୍ଭ ଉପସ୍ଥାପନ କରି ଆଲୋଚନାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମର ସଂଚାଳନ ଉର୍ଦ୍ଦୁ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼କ୍ଟର ଶଦାବ ଆଲାମ କରିଥିଲେ ଓ ଆସିଷ୍ଟାଣ୍ଟ ପ୍ରଫେସର ରେଶ୍ମୀ ଖାତୁନ୍ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁଗୁଡ଼ା ବସ୍‌ଷ୍ଟାଣ୍ଡରୁ ହରିଣ ଛୁଆ ଉଦ୍ଧାର



**ବୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ନୂଆଁ ବସ୍‌ଷ୍ଟାଣ୍ଡ ଭିତରୁ ଗୋଟିଏ ହରିଣ ଛୁଆକୁ ବନ ବିଭାଗ ପକ୍ଷରୁ ଉଦ୍ଧାର କରିବା ପରେ ପ୍ରାଥମିକ ଚିକିତ୍ସା କରି ପୁଣି ଛାଡି ଦେଇଥିବା ଜଣାପଡିଛି । ସକାଳ ପ୍ରାୟ ୧୧ଟା ସମୟରେ କୁକୁର ହାବୁଡ଼ରୁ ରକ୍ଷା ପାଇବା ପାଇଁ ଏକ ୩ ବର୍ଷର ହରିଣ ଛୁଆ ଶକ୍ତି ନଗର କେନାଲ ପଟୁ ଭୟରେ ଦୌଡି ଆସି ବସ୍‌ଷ୍ଟାଣ୍ଡର ଶୌଚାଳୟ ଭିତରକୁ ପଶି ଯାଇଥିଲା । ଖବରପାଇ ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ହରିଣ ଛୁଆଟିକୁ ଉଦ୍ଧାର କରି ବନ ବିଭାଗ କାର୍ଯ୍ୟାଳୟକୁ ନେଇଥିଲେ । ହରିଣ ଛୁଆଟିକୁ ସାମାନ୍ୟ ଆଘାତ ଲାଗିଥିବାରୁ କ୍ଷତ ସ୍ଥାନରେ ମଲମ ଲଗାଇ ପୁଣି ବିଲମାଳରେ ଛାଡି ଦିଆଯାଇଥିଲା ।

## ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ୪୬ତମ ସାଧାରଣ ଅଧିବେଶନ

# ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ରଖିଲେ ଦାବି

**କଟକ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ୪୬ ତମ ସାଧାରଣ ଅଧିବେଶନ । ରାଜ୍ୟରେ ପାଇପ୍ ଜଳ କର୍ମଚରୀ ସଂଘର ୨ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ବିଭିନ୍ନ ଜିଲ୍ଲାରୁ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା କର୍ମଚାରୀଙ୍କ ପାଇଁ ସହରରେ ଗୋଟିଏ ଘରର ସୁବିଧା ଯୋଗାଇବା ଆଦି ଦାବି ଜଣାଇଛନ୍ତି କର୍ମଚାରୀ ସଂଘ । କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ପ୍ରମୁଖ ଯୋଗଦେଇଥିଲେ । ସେପଟେ କାର୍ଯ୍ୟକ୍ରମ ପରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ମନ୍ତ୍ରୀ କହିଛନ୍ତି ସଂଘର ଯାହା ଦାବି ରହିଛି ତାହାକୁ ମୋହନ ମାଝୀଙ୍କ ସରକାର ନିଶ୍ଚୟ ବିଚାର କରିବେ । ଏଥିପାଇଁ ସରକାର ସଂପୂର୍ଣ୍ଣ ଭାବରେ କ୍ରିୟାଶୀଳ ଅଛନ୍ତି ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ୨୦୨୪-୨୫

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଦୁଇ ଦଫାରେ ଶିରିଡ଼ି-ନାସିକ ଓ ବନାରସ-ଅଯୋଧ୍ୟା ଯାତ୍ରା ସ୍ଥିରିକୃତ କରାଯାଇଛି । ଏଥି ନିମନ୍ତେ ତା.୨୨.୧୧.୨୦୨୪ ରିଖ ଠାରୁ ୧୨.୧୨.୨୦୨୪ ରିଖ ପର୍ଯ୍ୟନ୍ତ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୭୫ ବର୍ଷରୁ କମ୍ ନିମ୍ନୋକ୍ତ ଯୋଗ୍ୟତା ପୂରଣ କରୁଥିବା ଓଡ଼ିଶାର ସ୍ଥାୟୀବାସିନ୍ଦା ବ୍ୟକ୍ତି ବିଶେଷମାନେ ଆବେଦନ କରିପାରିବେ । ଆବେଦନକାରୀ ଆବେଦନ ଫର୍ମକୁ ସଂପୂର୍ଣ୍ଣ ରୂପେ ପୂରଣ କରି ଆବଶ୍ୟକୀୟ ପ୍ରମାଣପତ୍ର ଓ ଦୁଇଗୋଟି ଫଟୋ ସହିତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ (କକ୍ଷ ସଂ ୨୦୧) ଦାଖଲ କରିପାରିବେ । ଅଥବା ଅନ୍‌ଲାଇନ୍‌ରେ yatra.odisha.gov.in ମାଧ୍ୟମରେ ଆବେଦନ କରିପାରିବେ । ଆର୍ଥିକ ଦୁର୍ବଳଶ୍ରେଣୀ/ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା (ଖାଉଟି କାର୍ଡ଼ / ଅନ୍ତୋଦୟ କାର୍ଡ଼ / ଅନ୍ନପୂର୍ଣ୍ଣା କାର୍ଡ଼ / ବିଧବା ଭତ୍ତା / ବାର୍ଦ୍ଧକ୍ୟ ଭତ୍ତା ଧାରୀ) ବରିଷ୍ଠ ନାଗରିକମାନଙ୍କୁ ଗସ୍ତ ଖର୍ଚ୍ଚର ସଂପୂର୍ଣ୍ଣ ରିହାତି ବ୍ୟବସ୍ଥା କରାଯାଇଛି । ୭୦ ଓ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷ ବୟଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ନିଜର ସହାୟକ ଭାବେ ନେଇପାରିବେ । ସହାୟକ ବାବଦକୁ ମୂଳ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ଅର୍ଥାତ୍ ଟ.୧୦,୫୦୦ଙ୍କା (ଦଶ ହଜାର ପାଞ୍ଚ ଶହ ଟଙ୍କା) ମାତ୍ର ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ "ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱର"ଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବେ ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି:୨୨୪ ମାମଲା ପଞ୍ଜିକୃତ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୨୨୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୨୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୯୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା, ଉପ ଜିଲ୍ଲାପାଳ ଅଂଶୁମାନ ଶତପଥି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ସ୍ୱାଗତ ଦାସ, ତହସିଲଦାର, ଯାଜପୁର ଅରବିନ୍ଦ ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ମଞ୍ଚରେ ଜିଅନ୍ତା ଘୁଷୁରି ଝୁଣିଝୁଣି ଖାଇଲେ:କାର୍ଯ୍ୟାନୁଷ୍ଠାନ ଦାବି କଲେ ପଶୁପ୍ରେମୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଯାତ୍ରା ମଞ୍ଚରେ ବୀଭତ୍ସ ଦୃଶ୍ୟ । ଶହ ଶହ ଦର୍ଶକଙ୍କ ଆଗରେ ରାକ୍ଷାସ ଅଭିନୟ କରୁଥିବା କଳାକାର ଯେମିତି ପାଲଟିଗଲେ ସତ ରାକ୍ଷାସ । କଳା ପ୍ରଦର୍ଶନ ନାମରେ ଭୟାବହ ଦୃଶ୍ୟର ଅବତାରଣା କରାଗଲା, ଯାହା ପଶୁପ୍ରେମୀଙ୍କ ଉଦ୍‌ବେଗର କାରଣ ହୋଇଛି । ପୂର୍ବରୁ ମଞ୍ଚରେ ସାପ ଖେଳାଇବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ମଞ୍ଚରେ ଜୀଅନ୍ତା ଘୁଷୁରିକୁ ଫାଡ଼ି ଖାଇବା ଭଳି ଦୃଶ୍ୟ ସୋସିଆଲ୍ ମିଡ଼ିଆରେ ଭାଇରଲ୍ ହୋଇଛି । ଯାତ୍ରା ମଞ୍ଚରେ ଜୀଅନ୍ତା ଘୁଷୁରୀକୁ ଝୁଣି ଖାଉଛନ୍ତି କଳାକାର । ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ୍ ଅନ୍ତର୍ଗତ ରାଳବ ଗାଁରେ କଳା ପ୍ରଦର୍ଶନ ନାମରେ ସୀମା ପାର୍ କରିଛନ୍ତି କଳାକାର । ରାଳବ ଗାଁରେ ପ୍ରତିବର୍ଷ ମା' କାଞ୍ଜିଅଁଳା ଯାତ୍ରା ହୁଏ । ଏହି ଅବସରରେ ଗାଁ ଉତ୍ସବମୁଖର । ସାହି ସାହିରେ ରାମାୟଣ, ଭାରତଲୀଳା, ରାଜା ନାଟକ ଆଦି ପରିବେଷିତ ହେଉଛି । ତେବେ ଯାତ୍ରା ଦଳ ମଧ୍ୟରେ ପ୍ରତିଯୋଗିତାରୁ ଦେଖିବାକୁ ମିଳିଛି ବୀଭତ୍ସ ଦୃଶ୍ୟ । ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ସୀମା ପାର୍ କରୁଛନ୍ତି ଯାତ୍ରା କମିଟି । କେହି ବିଷଧର ସାପକୁ ଧରି ପେଣ୍ଡାଲ୍‌ରେ ଖେଳାଉଛି ତ କେହି ଜୀବନ୍ତ ପଶୁଙ୍କୁ ଝୁଣି ଖାଉଛି । ଏହାର ଭିଡ଼ିଓ ଭାଇରାଲ୍ ମିଡ଼ିଆରେ ଘୁରି ବୁଲୁଛି । ଗ୍ରାମର ତଳ ସାହି ଯାତ୍ରା ମଞ୍ଚରେ ଜଣେ ରାକ୍ଷାସ ବେଶଧାରୀ କଳାକାର ଜୀବନ୍ତ ଘୁଷୁରିକୁ ଅତି ନିର୍ମମ ଭାବେ ଝୁଣି ଖାଉଥିବା ଦୃଶ୍ୟ ଭାଇରାଲ୍ ହୋଇଛି । ଜୀଅନ୍ତା ଘୁଷୁରି ଲାଲ୍ କପଡ଼ାରେ ବାନ୍ଧି ଟଙ୍ଗା ହୋଇଛି । ତାହାକୁ ପ୍ରଥମେ ହାତରେ ମାରି ମାରି ଆହତ କରିବା ପରେ ହାତରେ ହିଁ ତାର ଶରୀରର ଚମଡ଼ା ଝୁଣି କଞ୍ଚା ମାଂସ ଖାଇଥିଲେ । ଶରୀରରୁ ରକ୍ତ ବାହାରି ମଞ୍ଚ ଲାଲ୍ ହୋଇଯାଇଥିଲା । ତଥାପ କଳାକାର ଥମି ନଥିଲେ । ରକ୍ତାକ୍ତ ଘୁଷୁରିର ଶରୀରରୁ କଞ୍ଚା ମାଂସ ହାତରେ ବାହାର କରି ଖାଇବାକୁ ଲାଗିଥିଲେ । କିଛି ସମୟ ପରେ ଘୁଷୁରୀକୁ ମଞ୍ଚ ଉପରୁ ହଟାଇ ଦିଆଯାଇଥିଲା । ଏହି ଅଭିନୟ ବେଳେ ମଞ୍ଚ ତଳେ କେତେକ ଦର୍ଶକ ତାଳି ମାରି ଏହାକୁ ଉପଭୋଗ କରୁଥିଲେ । ଆଉ କାହା ମନରେ ଭୟ ସଞ୍ଚାର କରିଥିଲା । ଏଭଳି ଅତିରଞ୍ଜିତ ଦୃଶ୍ୟ ଛୋଟ ପିଲାଙ୍କ ମଧ୍ୟରେ ଗୁରୁତର ପ୍ରଭାବ ପକାଇବ ବୋଲି ମତପ୍ରକାଶ ପାଇଛି । ଏପରିକି ପଶୁପ୍ରେମୀମାନେ ଏହାକୁ ଘୋର ବିରୋଧ କରିବା ଆରମ୍ଭ କରିଛନ୍ତି । ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ କହିଛନ୍ତି ଜିଲ୍ଲାର ବିଭିନ୍ନ ସ୍ଥାନରେ ମଞ୍ଚ ନାଟକ ପ୍ରଦର୍ଶନ ବେଳେ ଏହିପରି ଘୃଣ୍ୟ ଦୃଶ୍ୟ ସାମ୍‌ନାକୁ ଆସିଛି । ତେବେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଏହିପରି ପଶୁଙ୍କ ଉପରେ ଅତ୍ୟାଚାର ବାରମ୍ବାର ଦେଖିବାକୁ ମିଳୁଛି । ବିଭିନ୍ନ ସମୟରେ କୁକୁଡ଼ା, ଘୁଷୁରୀ, ଛେଳି, ବତକ ଆଦିକୁ ମଞ୍ଚ ଉପରେ ଝୁଣି ଖାଉଛନ୍ତି । ଏଥିରେ ରୋକ୍ ଲଗାଇବା ପାଇଁ ପ୍ରଶାସନ କଠୋର ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ସେହିପରି ସର୍ବସମ୍ମୁଖରେ ଯାତ୍ରାରେ କଳାକାରମାନଙ୍କ ଏଭଳି ଅଭିନୟ ସମାଜରେ କୁପ୍ରଭାବ ପକାଉଛି । ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନିଆଗଲେ ଆଗକୁ ଭୟଙ୍କର ସ୍ଥିତି ଉପୁଜିବ ବୋଲି ବୁଦ୍ଧିଜୀବୀ ଆଶଙ୍କା ବ୍ୟକ୍ତ କରିଛନ୍ତି । ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠୀ କହିଛନ୍ତି ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏହି ଘଟଣା ନଜରକୁ ଆସିଥିଲା । ଏହି ଘଟଣାର ତଦନ୍ତ କରାଯାଉଛି, ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ଚୌଦ୍ୱାର ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ମହାବିଦ୍ୟାଳୟର ୪୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଆୟୋଜିତ ଏହି ଉତ୍ସବକୁ କଲେଜ ଅଧକ୍ଷା ରଶ୍ମୀ ରାଉତରାୟ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଶନିବାର ଦିନ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଭାରତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ର, କଳିଙ୍ଗ ଜିମ୍‌ନାସିୟମ୍‌ର ସମ୍ପାଦକ ବିରଜା ପ୍ରସାଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପ୍ରାଧାପକ ସଂଜୟ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଅନୀଲ କୁମାର ମହାନ୍ତି, ନାରାୟଣ ସାହୁ, ପ୍ରଫୁଲ୍ଲ କୁମାର ସାମଲ, ଭୈରବ ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ । ଅଧାପକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଏମ୍‌ଡିସି କର୍ମଚାରୀ ସଂଘ, ଠାକୁରାଣୀ ତରଫରୁ ସାଧାରଣ ସଭା ଓ ଶ୍ରମିକ ସମ୍ପର୍କ ଅଭିଯାନ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ବଡବିଲ ଭାରତୀୟ ମଜ୍‌ଦୁର୍ ସଂଘର ଓଏମ୍‌ଡିସି କର୍ମଚାରୀ ସଂଘ ଠାକୁରାଣୀ ଠାରେ ଭାରତୀୟ ମଜ୍‌ଦୁର୍ ସଂଘ ଏହାର ୭୦ ବର୍ଷର ସ୍ୱର୍ଣ୍ଣିମ ଇତିହାସ ଶ୍ରମିକ ସମାଜରେ ପହଞ୍ଚାଇବା ପାଇଁ ତାହାର ଡିସେମ୍ବର ୧ରୁ ଡିସେମ୍ବର ୨୦ ତାରିଖ ଯାଏଁ ଚାଲିବାର ଥିବା ଶ୍ରମିକ ଏବଂ ଜନ ସଂପର୍କ ଅଭିଯାନ ଆରମ୍ଭ କରିଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ମଜ୍‌ଦୁର୍ ସଂଘର ଜିଲ୍ଲା ସଭାପତି ବାବୁଲାଲ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ମଜ୍‌ଦୁର୍ ସଂଘର ୭୦ ବର୍ଷର ଉପଲବ୍ଧି ଉପରେ ଆଲୋଚନା କରିଥିଲେ । ଜିଲ୍ଲା ସହ ସାଧାରଣ ସମ୍ପାଦିକା ବୀଣାପାଣି ବେହେରା ଗୋଟିଏ ଅଣ ରାଜନୈତିକ ଶ୍ରମିକ ସଂଗଠନ ହିସାବରେ ଭାରତୀୟ ମଜ୍‌ଦୁର୍ ସଂଘର ବିଶେଷତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଉପ ସଭାନେତ୍ରୀ ବବିତା ରାମ ମହିଳାମାନେ ଭାରତୀୟ ମଜ୍‌ଦୁର୍ ସଂଘରେ ଆଗକୁ ଆସି ଓଡ଼ିଶାର ସମସ୍ତ ବର୍ଗର ମହିଳା ମାନଙ୍କୁ ସମ୍ପର୍କ କରି ସଂଗଠନର ଆବଶ୍ୟକତା ଏବଂ ଗୁରୁତ୍ୱବୋଧ ଉପରେ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ । ରକ୍ତ ଅଭାବରୁ କାହାର ଜୀବନ ନଷ୍ଟ ନହେଉ ସେଥିପାଇଁ ସମସ୍ତଙ୍କୁ ଅନ୍ତତଃ ଛଅମାସ ଅନ୍ତରରେ ଥରୁଟିଏ ରକ୍ତଦାନ କରିବା ସହ ସଂଘରେ ରକ୍ତଦାନ ଶିବିର ଆୟୋଜନ କରାଯିବାର ଆବଶ୍ୟକ ଅଛି ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମଜ୍‌ଦୁର୍ ସଂଘର ଜିଲ୍ଲା ସଂଗଠନ ସମ୍ପାଦକ ତଥା




ଗାଁ ସାଥୀମେଟ ସଂଘ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ପଟେଲ ସମାଜରେ ଅବହେଳିତ ତଥା ଆଜି ବି ଗୋଟି ଶ୍ରମିକ ମାନଙ୍କ ଭଳି କାର୍ଯ୍ୟ କରୁଥିବା ଠିକା ଶ୍ରମିକ ମାନଙ୍କ ପାଖରେ ପହଞ୍ଚିବା ହେଉଛି ଏ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ । ଆଗାମୀ ୨୦ ଦିନ ଧରି ସାରା କେନ୍ଦୁଝର ବୁଲି ଶ୍ରମିକ ମାନଙ୍କୁ ସମ୍ପର୍କ କରିବାର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସଂଘର ଜିଲ୍ଲା ସମ୍ପାଦିକା ସମସ୍ତଙ୍କୁ ଧନ୍ୟବାଦ ଦେଇ କହିଥିଲେ, ଆଗାମୀ ୨୦ ଦିନ ଆମେ ସମସ୍ତେ ଆପ୍ରାଣ ଉଦ୍ୟମ କରି ଶ୍ରମିକ ସମ୍ପର୍କ କରିବା ସହ ସଂଗଠନକୁ ମଜ୍‌ଭୁତ୍ ପାଇଁ କାର୍ଯ୍ୟ କରିବା । ଓଏମ୍‌ଡିସି କର୍ମଚାରୀ ସଂଘର ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ ଖଣିକ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନେ ଆଜିବି ସରକାରୀ ସୁବିଧା, ସାମାଜିକ ସୁରକ୍ଷା ପାଇବାରେ ବଞ୍ଚିତ, ତେଣୁ ସେହି ଅପହଞ୍ଚ ଶ୍ରେଣୀର ଶ୍ରମିକଙ୍କୁ ସମ୍ପର୍କ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିପାରିଲେ ହିଁ ଏହି ଶ୍ରମିକ ଏବଂ ଜନ ସମ୍ପର୍କ ଅଭିଯାନର ପ୍ରୟାସ ସଫଳ ହେବ ବୋଲି କହିଥିଲେ । ଓଏମ୍‌ଡିସି କର୍ମଚାରୀ ମାନଙ୍କ ୧୪ ବର୍ଷର ସଂଘର୍ଷ ଶେଷ ହୋଇଛି ଓ ଆଗକୁ ଓଏମ୍‌ଡିସି ଠାକୁରାଣୀର ସମସ୍ତ ଖଣି କାର୍ଯ୍ୟ ଆରମ୍ଭ ହେବ । ସେଥିନେଇ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଆରମ୍ଭ ହୋଇଅଛି । ଏହି କାର୍ଯ୍ୟକ୍ରମରେ ବଡବିଲ ସ୍ଥିତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଓଏମ୍‌ଡିସି କର୍ମଚାରୀ ସଂଘର ଉପଦେଷ୍ଟା ଜଗବନ୍ଧୁ କର ସଂଘର ନିରବଚ୍ଛିନ୍ନ ସଂଘର୍ଷର ସଫଳତାର ଗାଥା ଓ କର୍ମଚାରୀଙ୍କ ସହଯୋଗରେ ପୁନର୍ବାର ନିଜ ଅଧିକାର ସ୍ୱାଭିମାନ ଫେରିପାଇଛନ୍ତି ବୋଲି ପ୍ରକାଶ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଲିଭ୍ ରିଡ଼ଲେଙ୍କ ଆଗମନ ପାଇଁ ବେଳାଭୂମି ସଫେଇ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଥାନା ଇଲାକା ପୋଡ଼ମପେଟା ବେଳାଭୂମିରେ ଅଷ୍ଟମ ବାଟାଲିୟନ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ହୋଇଯାଇଛି । ସ୍ଥାନୀୟ ଗୋଖରକୁଦା ଅଞ୍ଚଳରେ ବିରଳ ସାମୁଦ୍ରିକ କଇଁଛ ଅଲିଭ୍ ରିଡ଼ଲେଙ୍କ ଆଗମନ ପାଇଁ ବାଟାଲିୟନ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଏସ୍‌ଏପି ବାଟାଲିୟନ୍‌ର କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାଶଙ୍କ ନେତୃତ୍ୱରେ ଛତ୍ରପୁର ଏସ୍‌ଡ଼ିଜେଏମ୍ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ରଙ୍କ ସହଯୋଗରେ ବାଟାଲୟନ୍‌ର ଡ଼େପୁଟି କମାଣ୍ଡାଣ୍ଟ ଜ୍ୟୋତି ନାୟକ, ସେବେଦାର ଯୁଧିଷ୍ଠିର ରେଡ଼ି, ସୁବ୍ରତ ଗୌଡ଼, ପ୍ରଶାନ୍ତ ତ୍ରିପାଠୀ, ରଞ୍ଜନ ଜେନା ସମେତ ସମସ୍ତ ହାବିଲଦାର୍ ଓ ସିପାହୀମାନେ ଉପସ୍ଥିତିରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି କମାଣ୍ଡାଣ୍ଟ ଶ୍ରୀ ଦାଶ ପ୍ରକାଶ କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ 'ଗୋପ କଥା'

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଯଶିପୁର ବ୍ଲକର ଏକତାଳୀ ଗ୍ରାମ ପଞ୍ଚାୟତର ବକଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ଠାରେ ବିର୍ସା ଟ୍ରଷ୍ଟ ଓ କେନ୍ଦୁଝର ଡେଭଲପ୍‌ମେଣ୍ଟ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଗୋପକଥା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ମାନସ କୁମାର ମହାନ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ତଥା ବରିଷ୍ଠ ଗାନ୍ଧୀ ତତ୍ତ୍ୱବିତ୍ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ବକୁଳବନର ବନ ବିଦ୍ୟାଳୟର ପ୍ରତିଷ୍ଠା, ସ୍ୱାବଲମ୍ବନଶୀଳ ସମାଜ ଗଢିବାକୁ ମୌଳିକ ଶିକ୍ଷାର ପ୍ରୟୋଗ, ଭାରତ ମାଆର ସ୍ୱାଧୀନତା ପାଇଁ ଅହିଂସକ ଲଢୁଆ ମଣିଷ ଗଢି ତୋଳିବା ଓ ସର୍ବୋପରି ଓଡ଼ିଶା ସାହିତ୍ୟ ଓ ମାତୃଭାଷାକୁ ବଞ୍ଚି ରହିବା ତାଙ୍କର ନିରବିଚ୍ଛିନ୍ନ ସଂଘର୍ଷମୟ କାହାଣୀ ଶିଶୁମାନଙ୍କୁ ସାବଲିଳ ଭାଷାରେ ବୁଝାଇଥିଲେ । ସମାଜରେ ଭାଇଚାରା ପ୍ରତିଷ୍ଠା, ଅସ୍ପୃଶ୍ୟତା ଦୂରୀକରଣ, ବନ୍ୟାଞ୍ଚଳରେ ଦୁଃଖୀ ଲୋକଙ୍କର ସେବା କରିବା, ଦୈନିକ ଖବର କାଗଜ ସମାଜ ପ୍ରତିଷ୍ଠା କରି ଲୋକଙ୍କ ସମସ୍ୟାକୁ ନିର୍ଭିକ ଭାବରେ ଉପସ୍ଥାପନା କରିବା କାର୍ଯ୍ୟ ତାଙ୍କୁ ପଣ୍ଡିତ ଉତ୍କଳମଣୀଙ୍କ ସ୍ଥାନରେ ସ୍ଥାନୀତ କରିଛି ଆମ ଉତ୍କଳ ରାଜ୍ୟ । ବିର୍ସା ଟ୍ରଷ୍ଟର ସଂପାଦକ ଇଂ ସତ୍ୟନାରାୟଣ ମାଝୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସେବାର ବିଭିନ୍ନ ଦିଗ ଉପରେ ଚର୍ଚ୍ଚା କରିଥିଲେ । ଓଡ଼ିଶାର ଅସ୍ମିତାର ସୁରକ୍ଷା ପାଇଁ ସେ ସାହିତ୍ୟ, ସଂସ୍କୃତିର ଲଢେଇ ଜାରି ରଖିଥିଲେ । ତାଙ୍କର କାରାକମିତା ସମସ୍ତ ଉତ୍କଳୀୟଙ୍କ ପାଇଁ ପ୍ରେରଣାର ଉତ୍ସ ଅଟେ ବୋଲି ବୁଝାଇଥିଲେ । ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା, ଅଭିଭାବକ, ଗ୍ରାମବାସୀ ବିର୍ସା ଟ୍ରଷ୍ଟର ସମସ୍ତ ଟ୍ରଷ୍ଟି ଓ କେନ୍ଦୁଝର ଡେଭଲପ୍‌ମେଣ୍ଟ ଟ୍ରଷ୍ଟ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ଅତିଥିମାନେ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରିଥିଲେ ।





# ‘ଭିନ୍ନକ୍ଷମ ପ୍ରତିଭା ବିକାଶ ପାଇଁ ସରକାର ଧ୍ୟାନ ଦେଉଛନ୍ତି’

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସରେ ସମସ୍ତ ଭିନ୍ନକ୍ଷମ ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କର ପ୍ରତିଭା କିଭଳି ଦକ୍ଷତାର ସହ ବିକଶିତ ହୋଇପାରିବ ସେଥିପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେଉଛନ୍ତି। କୌଣସି ଭିନ୍ନକ୍ଷମ ପିଲା ଯେପରି ନିଜକୁ ଅକ୍ଷମ ମନେ ନକରନ୍ତି ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରିବେ ସେଥିପ୍ରତି ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଏହି ଆଭିମୁଖ୍ୟରେ ସର୍ବସାଧାରଣ ସ୍ଥାନମାନଙ୍କରେ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଡି.ଆର.ଆଇ ଲୋନ୍ ମାଧ୍ୟମରେ ବିଭିନ୍ନ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ସୁବିନିଯୋଗ କରି ସୁସ୍ଥ ଜୀବନ ଯାପନ କରିବା ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ କହିଲେ ଭିନ୍ନକ୍ଷମମାନେ କେବଳ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ନାହିଁ ସେମାନେ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଇ ପାରିବେ। ଆମ ରାଜ୍ୟର ଜଣେ ଭିନ୍ନକ୍ଷମ ପ୍ରମୋଦ ଭଗତ ଅଲିମ୍ପିକ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ସନ୍ଥକବି ଭୀମ ଭୋଇ ଅନ୍ଧ ହୋଇ ମଧ୍ୟ ବହୁ କାଳଜୟୀ କାବ୍ୟ କବିତା ରଚନା କରିଯାଇଛନ୍ତି। ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ସ୍ୱାଗତ ସୂଚନା ପ୍ରଦାନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ମାନଙ୍କୁ ପେନ୍‌ସନ୍ ତଥା ଅନ୍ୟାନ୍ୟ ବିଭିନ୍ନ ସହାୟତା ଯୋଜନା ଉପରେ ଆଲୋକପାତ କରିଥିଲେ। ଅଧ୍ୟୟନରତ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କୁ ବାଣୀଶ୍ରୀ ସ୍କଲାର୍‌ସିପ୍, ପ୍ରି-ମାଟ୍ରିକ୍, ପୋଷ୍ଟ ମାଟ୍ରିକ୍, ସ୍ନାତକୋତ୍ତର ମେଧା ବୃତ୍ତି ପ୍ରଦାନ କରାଯାଉଛି। ସେମାନଙ୍କୁ ପ୍ରଦାନ କରାଯାଉଥିବା ଯୋଜନାରେ ବଣ୍ଟା ଯାଉଥିବା ଉପକରଣ, ମାଗଣା ଲାପ୍‌ଟପ୍, ଡି.ଆର.ଆଇ ଲୋନ୍, ଏନ୍.ଏଚ୍.ଏଫ୍.ଡି.ସି ଲୋନ୍, ବୈବାହିକ ପ୍ରୋତ୍ସାହନ ସହାୟତା (୨ ଲକ୍ଷ ୫୦ ହଜାର), ଆତ୍ମସହାୟକ ଦଳଙ୍କୁ ମିଶନଶକ୍ତି ଯୋଜନାରେ ଆର୍ଥିକ ସହାୟତା, ସ୍ୱତନ୍ତ୍ର ବିଦ୍ୟାଳୟରେ ପଢ଼ିବା ସୁଯୋଗ, ବସ୍ ପାସ୍, ଟ୍ରେନ୍ ପାସ୍, ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସଂରକ୍ଷଣ, ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମାଧ୍ୟମରେ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ଭିନ୍ନକ୍ଷମ ଅଭିଭାବକଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ମେଧାବୃତ୍ତି ପ୍ରଦାନ କରାଯାଉଛି। ଏହି ଦିବସରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଚ୍ୟାଓ ପଟ୍ଟନାୟକ, ଡି.ସି.ପି.ଓ ନିରଞ୍ଜନ କର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଏଲ୍.ଏଲ୍.ସି ସଦସ୍ୟ ମଣ୍ଟୁ ଦାସ ଦିବ୍ୟାଙ୍ଗ ମାନଙ୍କ ଉଦ୍ଦିଷ୍ଟ ଯୋଜନା, ଥଇଥାନ ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଏହି ଦିବସରେ ୪ ଗୋଟି ଶ୍ରବଣବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ ଶିବନ ଶିଳ୍ପ, ଅଖିଳ କୁଣ୍ଡ, ଦୃଷ୍ଟି ବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ ନେସକୋଇ ଦଶରଥପୁର, ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ ରୋଜ, ପୁରୁଷୋତ୍ତମପୁର ଶାସନ, ବଡ଼ଚଣା ଓ ସହକାରୀ ମାସଡ଼ା, ବିଂଝାରପୁରର ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦାନ କରିଥିଲେ। ଏହି ଦିବସ ପାଳନ ଅବସରରେ ପ୍ରଥମେ ରାମ ମନ୍ଦିର, ମାନସାପୋଲ ଠାରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଦିବସ ଅବସରରେ ବିଦ୍ୟାଳୟ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

/////// ଅନ୍ତର୍ଜାତୀୟ ବାଲୁକା କଳା ତୃତୀୟ ଦିବସ ///////

# ‘ଓଡ଼ିଶାର ବୌଦ୍ଧ ଐତିହ୍ୟ, ପର୍ଯ୍ୟଟନ ଓ ଶାନ୍ତି ବାର୍ତ୍ତା’

**କୋଣାର୍କ, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର କୋଣାର୍କ ଚନ୍ଦ୍ରଭାଗା ବେଳାମାର୍ଗରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ହେଉଥିବା ୧୪ ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବର ତୃତୀୟ ଦିବସରେ ଜର୍ମାନୀ, ସ୍ପେନ, ରୁଷିଆ, ପର୍ତ୍ତୁଗାଲ, ଜାପାନ, ମେକ୍ସିକୋ, ୟୁନାଇଟେଡ କିଙ୍ଗଡ଼ମ୍, ଶ୍ରୀଲଙ୍କା ପରି ୮ଟି ଦେଶର ୮ ଜଣ ବିଦେଶୀ ବାଲୁକା ଶିଳ୍ପୀ ସମେତ ଓଡ଼ିଶା ସହିତ ୧୦ ରାଜ୍ୟରୁ ଭାଗ ନେଇଥିବା ୧୦୦ ଜଣ ବାଲୁକା ଶିଳ୍ପୀ ମାନଙ୍କ ମଧ୍ୟରୁ ମହିଳା ବାଲୁକା ଶିଳ୍ପୀମାନେ ‘ଓଡ଼ିଶାର ବୌଦ୍ଧ ଐତିହ୍ୟ’କୁ ନେଇ ବିଭିନ୍ନ ବାଲୁକା କଳା ଅତିସୂକ୍ଷ୍ମ ଭାବେ ନିର୍ମାଣ କରିଥିଲା ବେଳେ ଅନୁରୂପ ଭାବେ ପୁରୁଷ ବାଲୁକା ଶିଳ୍ପୀମାନେ ‘ପର୍ଯ୍ୟଟନ ଓ ଶାନ୍ତି ବାର୍ତ୍ତା’କୁ ନେଇ ବାଲୁକା କଳାକୃତି ପ୍ରଦର୍ଶନ କରିଥିଲେ। ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନ କଳାକୃତି ଗୁଡିକ ବାଲୁକାକଳା ଶିଳ୍ପୀଙ୍କ କଳାକୃତି ଅତ୍ୟନ୍ତ ଉଚ୍ଚ କୋଟିର ଥିଲା। ବାଲୁକା କଳା ନିକଟରେ ପର୍ଯ୍ୟଟକଙ୍କ ପାଇଁ ଥିବା ବାଲୁକା କଳାର ବିଭିନ୍ନ ଫଟୋ ଗ୍ୟାଲେରୀରେ ପର୍ଯ୍ୟଟକଙ୍କ ନାହିଁନଥିବା ଭିଡ ଜମୁଥିବା ପରିଲକ୍ଷିତ ହୋଇଥିଲା।

# ଜଳିଗଲା ଇଲେକ୍ଟ୍ରି ସ୍କୁଟି:ପ୍ରଧାନ ଶିକ୍ଷକ ଆହତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ପଧାନୀ ପଞ୍ଚାୟତ କଇଆଡିହ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଦିନ ୧୧ଟା ସମୟରେ ଏକ ଅଭାବନୀୟ ଦୁର୍ଘଟଣା ଘଟିଛି। ପ୍ରଧାନ ଶିକ୍ଷକ ତାଙ୍କ ବ୍ୟାଟେରି ଚାଳିତ ସ୍କୁଟିର ଚାବି ଅନ୍ କରିବା ସମୟରେ ହଠାତ୍ ସ୍କୁଟିରୁ ବାହାରିଲା ଧୂଆଁ। କିଛି ସମୟ ପରେ ଜଳିଗଲା ସ୍କୁଟି ଓ ପ୍ରଚଣ୍ଡ ଶବ୍ଦ ମଧ୍ୟ କରିଥିଲା। ପ୍ରଧାନଶିକ୍ଷକ ସଙ୍ଗେ ସଙ୍ଗେ ଉପସ୍ଥିତ ବୁଦ୍ଧି କରି ଛାତ୍ରଛାତ୍ରୀଙ୍କୁ ବାହାରକୁ ନେଇଯାଇଥିଲେ। ଛାତ୍ରଛାତ୍ରୀମାନେ ବାହାରେ ଆସି ଚିତ୍କାର କରିବାରୁ ଗାଁ ଲୋକମାନେ ନିଆଁକୁ ଲିଭାଇଥିଲେ। ପ୍ରଧାନଶିକ୍ଷକ ପରେଶ ସାହୁ ଏହି ସମୟରେ ମଧ୍ୟ ଆହତ ହୋଇଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ସୂଚନା ଥାଉକି ଏଭଳି ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବାରଣ୍ଡାରେ ଏପରି ସ୍କୁଟିକୁ ରଖୁଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ରହିଛି। ତେବେ ବିଦ୍ୟାଳୟ ବାରଣ୍ଡାରେ ସ୍କୁଟିକୁ ନରଖିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ତାଗିଦ୍ କରାଯିବ ବୋଲି ଧାମନଗର ଶିକ୍ଷା ବିଭାଗର ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ନାୟକ ସୂଚନା ଦେଇଛନ୍ତି।

# ବେଆଇନ୍ ବାଲି ବୋଝେଇ ହାଇୱାକୁ ଜବତ କରି ଥାନାବାବୁ ବଦଳିଲେ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ପୋଲିସ ପକ୍ଷରୁ ଭାରପ୍ରାପ୍ତ ଥାନା ଅଧିକାରୀ ସବ୍‌ଇନ୍‌ସପେକ୍ଟର ଅନିରୁଦ୍ଧ ରାଉତଙ୍କୁ ବିଳମ୍ବିତ ରାତିରେ ପାଟ୍ରୋଲିଙ୍ଗ ସମୟରେ ବିନା ଟ୍ରାଞ୍ଜିଡ଼ ପାସ୍‌ରେ ଏକ ବେଆଇନ୍ ବାଲି ବୋଝେଇ ହାଇୱାକୁ ଜବତ କରି ତିର୍ତ୍ତୋଲ ଥାନାରେ ଅଟକ ରଖିଥିଲେ। ହାଇୱା ଜବତ କରିବା ଶ୍ରୀ ରାଉତଙ୍କ ପାଇଁ ହେଲା କାଳ। ରାତିଯାକ ପୋଲିସ ବାବୁଙ୍କର ନିଦ ହଜିଯାଇଥିଲା ଯେତେବେଳେ ଜାଣିଲେ ଯେ ଶାସକ ଦଳର ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ଜବତ ହାଇୱା ମାଲିକଙ୍କର ସମ୍ପର୍କ ଅତି ଘନିଷ୍ଠ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଉତଙ୍କୁ ଦିନ ତମାମ ଟିଉସନ୍ କରିବା ପରେ ତିର୍ତ୍ତୋଲରୁ ଜଗତସିଂହପୁର ମୁଖ୍ୟ କାର୍ଯ୍ୟାଳୟକୁ ଚିଠି ନମ୍ବର ୯୧୧୨ରେ ତୁରନ୍ତ ବଦଳି କରିଥିବା ଜିଲ୍ଲାରେ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ଶ୍ରୀ ରାଉତ କାଳେ ମିଡ଼ିଆ ଆଗରେ ସତ କହିଦେବେ ସକାଳୁ ସକାଳୁ ଶ୍ରୀ ରାଉତଙ୍କୁ ଜଗତସିଂହପୁରକୁ ଡାକରା ଆସିଯାଇଥିଲା। ଜବତ ହାଇୱାକୁ ଛଡାଇବା ପାଇଁ ଜଣୈକ ପ୍ରଭାବଶାଳୀ ନେତା ପୋଲିସ ଉପରେ ଚାପ ପ୍ରୟୋଗ କରୁଥିବା ଜଣାପଡିଛି। ନେତା, ପୋଲିସ ଓ ମାଇନ୍ସ ଅଧିକାରୀଙ୍କ ମଧ୍ୟରେ ଜବତ ବାଲି ବୋଝେଇ ହାଇୱାକୁ ଛଡାଇବା ପାଇଁ ଚାଲିଛି ମସୁଧା। ବେଆଇନ୍ ବାଲି ବୋଝେଇ ହାଇୱା ପାରାଦ୍ୱୀପ ଅଭିମୁଖେ ଯାଉଥିଲା। ବିନା ପେପରରେ ଓ ବିନା ଟ୍ରାଞ୍ଜିଡ଼ ପାସ୍‌ରେ ଅବାପତି ବାଲି ଘାଟରୁ ବାଲି ଆଣି ପାରାଦ୍ୱୀପ ଅଭିମୁଖେ ଯାଉଥିଲା। ତିର୍ତ୍ତୋଲ ପୋଲିସ ଜବତ କରି ଥାନାରେ ଅଟକ ରଖିଛି। ଏ ସମ୍ପର୍କରେ ତିର୍ତ୍ତୋଲ ପୋଲିସ ମୁହଁ ଖୋଲୁନଥିବାବେଳେ ଜଗତସିଂହପୁର ମାଇନ୍ସ ଅଧିକାରୀ ତଦନ୍ତ କରାଯିବ ବୋଲି କହିଥିଲେ।

## ଛାତ୍ରୀଙ୍କୁ ଅପହରଣ କରି ଯୁବକ ଗିରଫ

**ବୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅଞ୍ଚଳରୁ ଜଣୈକା ନାବାଳିକା ଛାତ୍ରୀଙ୍କୁ ଅପହରଣ ଘଟଣାରେ ପୋଲିସ ଅଭିଯୁକ୍ତ ଯୁବକ ଜିତୁ ଭୂୟାଁ (୨୪)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପ୍ରକାଶ ଯେ, ଅଭିଯୁକ୍ତ ଜିତୁ ସଂପୃକ୍ତା ନାବାଳିକା କଲେଜ ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରି ଗତ ଶନିବାର ବିଳମ୍ବିତ ରାତିରେ ତାଙ୍କୁ ଅପହରଣ କରିନେଇଥିଲା। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ବାଲିପଦର ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ-୫୬୨/୨୪ରେ ଏକ ମାମଲା ରୁଜୁ କରିଥିଲା। ଅନୁସନ୍ଧାନ କରି ପୋଲିସ୍ ଏକ ଭଡାଘରୁ ଉଭୟଙ୍କୁ କାବୁ କରିଥିଲା। ତେବେ ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ଅଭିଯୁକ୍ତ ଯୁବକ ଜିତୁକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସଂପୃକ୍ତା ନାବାଳିକାକୁ ବ୍ରହ୍ମପୁର ସ୍ଥିତ ବାଳାଶ୍ରମକୁ ପଠାଯାଇଥିବା ଜଣାଯାଇଛି।

# ଭରତପୁର ଓ ଶ୍ୟାମସୁନ୍ଦରପୁର ଗ୍ରାମବାସୀ ପାଉନାହାଁନ୍ତି ପାନୀୟ ଜଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଖଣ୍ଡିଆବନ୍ଧ ଗ୍ରାମର ୱାର୍ଡ ନଂ-୭ ଏବଂ ୱାର୍ଡ ନଂ-୧୬ ର ଅଧିବାସୀ ମାନେ ଦୀର୍ଘଦିନ ହେଲା ପାନୀୟ ଜଳ ପାଉ ନାହାଁନ୍ତି। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଏହି ୨ ପଞ୍ଚାୟତର ବାସିନ୍ଦାମାନେ ବସୁଧା ଜଳ ଯୋଗାଣ ଯୋଜନାରେ ପାଇପ୍ ଲାଇନ୍ ବିଛା ଯାଇଥିଲେ ମଧ୍ୟ ଏମାନଙ୍କୁ ବୁନ୍ଦାଏ ପାଣି ମିଳୁନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ନଳକୂପ ମଧ୍ୟ ଅଚଳ ହୋଇ ରହିଥିବାରୁ ପାନୀୟ ଜଳ ପାଇଁ ମହିଳାମାନେ ଅନ୍ୟ ଗ୍ରାମରୁ ପାଣି ଆଣିବାକୁ ଯାଉଛନ୍ତି। ତୁରନ୍ତ ଏହି ୨ଟି ପଞ୍ଚାୟତର ଏହି ୱାର୍ଡରେ ପାନୀୟ ଜଳ ସଂଯୋଗ କରି ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଇବା ପାଇଁ ରଶ୍ମିତା ରାଉତ, ରିତା ବରାଳ, ମିନାକ୍ଷୀ ଭୋଳ, ଶ୍ରୀଧର କୁମାର ଭୋଳ, ମାଳତୀ ଜେନା ପ୍ରମୁଖ ଦାବି କରିଛନ୍ତି।

# ସୋଆ ‘ପ୍ରାଚୀନ’ ପକ୍ଷରୁ ପ୍ରକାଶିତ ଦୁଇ ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭାଷା, ସଂସ୍କୃତି ଓ ଐତିହ୍ୟ କେନ୍ଦ୍ର ‘ପ୍ରାଚୀନ’ ଆନୁକୂଲ୍ୟରେ ପ୍ରକାଶିତ ଦୁଇଟି ପୁସ୍ତକ ‘ଯୁଗଭଙ୍କ ଦଶପୋଇ’ ଓ ‘ପ୍ରାଚୀନ ଓଡ଼ିଆ ଅଭିଲେଖ’ ଓଡ଼ିଆ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ଏହି ଦୁଇଟି ପୁସ୍ତକକୁ ସୋମବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଉନ୍ମୋଚନ କରିଛନ୍ତି। ଏହି ସମୟରେ ପ୍ରାଚୀନର ମୁଖ୍ୟ ପ୍ରଫେସର (ଡକ୍ଟର) ଗାୟତ୍ରୀବାଳା ପଣ୍ଡା ଉପସ୍ଥିତ ଥିଲେ। ଏହି ପୁସ୍ତକ ପ୍ରଥମେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାଁରେ ୧୮୭୫ ମସିହାରେ ପ୍ରକାଶ ପାଇଥିବା ବେଳେ ପୁର୍ନବାର କୋଲକାତାରେ



୧୯୫୨ ମସିହାରେ ପ୍ରକାଶିତ ହୋଇଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ ପୁସ୍ତକଟି ଉପେନ୍ଦ୍ର ଭଞ୍ଜଙ୍କ ରଚନା ନୁହେଁ ବରଂ ବଉଦର ତତ୍କାଳୀନ ରାଜା ଯୁଗଭ ହେଉଛନ୍ତି ଏହାର ରଚୟିତା। ପ୍ରଥମ ପ୍ରକାଶନର ପ୍ରାୟ ଦେଢ଼ଶହ ବର୍ଷ ପରେ ଏହି ପୁସ୍ତକର ସ୍ରଷ୍ଟା ଯେ ଅନ୍ୟ ଜଣେ ବ୍ୟକ୍ତି ତାହା ଦୁଇଜଣ ଗବେଷକ ପ୍ରମାଣିତ କରିଛନ୍ତି। ପୁସ୍ତକଟି ଗୀତର ଭାବ ଅନୁଯାୟୀ ଚିତ୍ରିତ କରାଯାଇଛି ତେଣୁ ଆଖିରେ ଲାଖିଯିବା ଭଳି ଏହି ପୁସ୍ତକଟିକୁ ଚିତ୍ରପୋଥି କୁହାଯାଏ। ଦଶପୋଇକୁ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ଗୌରାଙ୍ଗ ଚରଣ ଦାଶ ସମ୍ପାଦନା କରିଛନ୍ତି। ଦ୍ୱିତୀୟ ପୁସ୍ତକ ‘ପ୍ରାଚୀନ ଓଡ଼ିଆ ଅଭିଲେଖ’କୁ ସମ୍ପାଦନା କରିଛନ୍ତି ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ। ଓଡ଼ିଶାର ଜଣେ ବିଶିଷ୍ଟ ଲିପିତତ୍ତ୍ୱବିଦ୍ ଭାବେ ପରିଚିତ ପ୍ରଫେସର ଆଚାର୍ଯ୍ୟ ପୁସ୍ତକରେ ଉରଜାମ ଶିଳାଲେଖ ଠାରୁ ଆରମ୍ଭ କରି ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଖୋଦିତ ଓଡ଼ିଆ ଶିଳାଲେଖ ଓ ତାମ୍ରଲେଖ ଗୁଡିକର ମୂଳପାଠ ଓ ଅନୁବାଦ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି। ପୁସ୍ତକର ଆରମ୍ଭରେ ଏକ ଦୀର୍ଘ ମୁଖବନ୍ଧ ରହିଥିବା ବେଳେ ଶେଷରେ ଶିଳାଲେଖ ଓ ତାମ୍ରଲେଖ ଗୁଡିକର ଫଟୋ ମଧ୍ୟ ରହିଛି। ଏହି ମୁଖ ବନ୍ଧ ପ୍ରାଚୀନ ଓଡ଼ିଆ ଭାଷା ଓ ଇତିହାସର ପୁନର୍ମୂଲ୍ୟାୟନ କ୍ଷେତ୍ରରେ ଏକ ପ୍ରାମାଣିକ ଗ୍ରନ୍ଥ। ସୋଆର ଏହି ଦୁଇ ସଂଭ୍ରାନ୍ତ ପ୍ରକାଶନ ଓଡ଼ିଆ ସାହିତ୍ୟ ଓ ଭାଷାର ଇତିହାସ ରଚନାରେ ଦୁଇଟି ପ୍ରାମାଣିକ ଗ୍ରନ୍ଥ।

///// ଏସ୍‌ୟୁଜେ ବଲାଙ୍ଗିର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ /////

# ‘ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ସରକାର ନୀତି ପ୍ରଣୟନ କରନ୍ତୁ’

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**



ଏସ୍‌ୟୁଜେ ବଲାଙ୍ଗିର ଜିଲ୍ଲା ଶାଖାର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲ୍ଲା ମାନ୍ୟତା ପ୍ରାପ୍ତ ଆଧାର ନିୟୁଜ୍‌ର ସମ୍ପାଦକ କିଶୋର ଚନ୍ଦ୍ର ପାଢ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ୟୁଜେ ସଂଘ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବଲାଙ୍ଗିର ଜିଲ୍ଲା ଶାଖା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଉପ ସଭାପତି ମହେନ୍ଦ୍ର କୁମାର ଦର୍ଜି, ବିମଳ ଚରଣ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମର କଣ୍ଠରୋଧ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ସଦସ୍ୟ ରୋହନ ମହତ ଜିଲ୍ଲାରେ ଚାଲିଥିବା ଦାଦନ ଶ୍ରମିକର ସମସ୍ୟା ଉପରେ ତଥା ସମ୍ବାଦ ପରିବେଷଣ ବେଳେ ଉପୁଜୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହିଭଳି ସଦସ୍ୟ ବାଳକୃଷ୍ଣ ଷଡ଼ଙ୍ଗୀ ସଂଘରେ ସଙ୍ଘୀୟ ମନୋଭାବ କିଭଳି ରହିବ ସେ ସମ୍ପର୍କରେ ସମ୍ୟକ୍ ଧାରଣା ଦେଇଥିଲେ। ଲୋଇସିଂହା ସମ୍ବାଦ ଖବର କାଗଜର ସାମ୍ବାଦିକ ବିମଳ ଚରଣ ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ପୂର୍ବରୁ ସାମ୍ବାଦିକତା କରୁଥିବା ସାମ୍ବାଦିକମାନେ କିଭଳି ସମ୍ବାଦ ପରିବେଷଣ କରୁଥିଲେ ଏବଂ ସେତେବେଳେ ସାମ୍ବାଦିକମାନେ କିଭଳି ସମ୍ମାନ ପାଉଥିଲେ ସେ ସମ୍ପର୍କରେ ଅନେକ ଉଦାହରଣ ଦେଇ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଠିକ୍ ଭାବେ ନିଜର ସ୍ୱାଭିମାନର ସାମ୍ବାଦିକତା କରିବା ପାଇଁ ସୂଚାଇ ଦେଇଥିଲେ। ତୁଳସୀ ଜଗତ ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ଏକ ଆଇନ୍ ପ୍ରଣୟନ କରିବା ଦିଗରେ ସରକାର ଦୃଷ୍ଟି ଦେବାପାଇଁ କହିଥିଲେ। ଏସ୍‌ୟୁଜେ ଜିଲ୍ଲା ଶାଖା ସଭାପତି ଗୋପବନ୍ଧୁ ଶତପଥୀ ଗଣମାଧ୍ୟମର କିଭଳି କଣ୍ଠରୋଧ କରାଯାଉଛି ଏବଂ ସାମ୍ବାଦିକ ମାନେ ବିଭିନ୍ନ ସମୟରେ ସମ୍ବାଦ ଅନ୍ୱେଷଣରେ ଗଲାବେଳେ କିଭଳି ହଇରାଣ ହେଉଛନ୍ତି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଶରତ କୁମାର ମହାକୁର ଦ୍ୱିବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ରଘୁ ନନ୍ଦନ ସିଂ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ସାମ୍ବାଦିକ ଅଭିଳାଷ ହୋତା ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଅବସରରେ ମନୋନୟନ କରାଯାଇ ନୂତନ ଜିଲ୍ଲା କମିଟି ଗଠନ କରାଯାଇଥିଲା। ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ଦର୍ଜି ନୂତନ ପଦାଧିକାରୀ ମାନଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଜିଲ୍ଲା ସଭାପତି ଭାବେ ଶରତ କୁମାର ମହାକୁର, କାର୍ଯ୍ୟକାରୀ ସଭାପତି ଗୋପବନ୍ଧୁ ଶତପଥୀ, ଉପ ସଭାପତି ଲିମାଇ ଚରଣ ମହତ୍ (ରୋହନ) କଣ୍ଟାବାଞ୍ଜି, ସାଧାରଣ ସମ୍ପାଦକ ରଘୁ ନନ୍ଦନ ସିଂ, ସମ୍ପାଦକ ନିରୋଜ ମିଶ୍ର, ସଂଗଠନ ସମ୍ପାଦକ ପବନ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ଶ୍ରୀମନ୍ତ ପଣ୍ଡା ଏବଂ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭାବେ ଲୋଇସିଂହାର ଦୈନିକ ଖବର କାଗଜ ସମ୍ବାଦର ସାମ୍ବାଦିକ ବିମଳ ଚରଣ ହୋତା ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରିଣୀ ସଭ୍ୟ ଭାବେ ବାଳକୃଷ୍ଣ ଷଡ଼ଙ୍ଗୀ, ତୁଳସୀ ଜଗତ, ଯୁଗଳ ଶବର, ଚିତ୍ରସେନ ବେହେରା, ମହେନ୍ଦ୍ର ପଧାନଙ୍କ ନାମ ଘୋଷଣା କରାଯାଇଥିଲା। ଏସ୍‌ୟୁଜେ ସଂଘର ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ଆଗ ଧାଡ଼ିର ସାମ୍ବାଦିକ ଏହି ସଂଘରେ ଯୋଗ ଦେଇଥିଲେ।

# ଆଦର୍ଶ ପ୍ରତିଭା ବିକାଶ ପରିଷଦର ‘ସମାଜରେ ନାରୀକବିଙ୍କ ଗୁରୁତ୍ୱ’ ଶୀର୍ଷକ ଆଲୋଚନା

**କଟକ, ନ୍ୟୁଜ୍ ବ୍ୟୁରୋ**



ସାରସ୍ୱତ ଅନୁଷ୍ଠାନ ଆଦର୍ଶ ପ୍ରତିଭା ବିକାଶ ପରିଷଦ ପକ୍ଷରୁ ‘ସମାଜରେ ନାରୀକବିଙ୍କ ଗୁରୁତ୍ୱ’ ଶିର୍ଷକ ଆଲୋଚନା ଚକ୍ର ଓ କବିତା ଆସର ଚାଉଳିଆଗଞ୍ଜ ସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡଃ ପଣ୍ଡିତ ଅଭୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡଃ ପଣ୍ଡିତ ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ରାଉତ, ମୁଖ୍ୟବକ୍ତା ଭାବେ ସଂପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା, ବରେଣ୍ୟ ଅତିଥି ଭାବେ ପଲ୍ଲୀପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ସଭାପତି ଚୈତନ୍ୟ ରାଉତ, ସମ୍ମାନୀୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇ ନାରୀ ପ୍ରତ୍ୟେକ ଯୁଗରେ ସମ୍ମାନୀୟା। ସ୍ୱାଧିନତା ପୂର୍ବରୁ ଏବଂ ପରେ ମଧ୍ୟ ନାରୀ କବିଙ୍କ ଶବ୍ଦର ଝଙ୍କାର ସାଧାରଣ ଜନତା ମନକୁ ଆନ୍ଦୋଳିତ କରିଥାଏ ବୋଲି କହିଥିଲେ। କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି ଓ ସନ୍ଧ୍ୟା ଶତପଥିଙ୍କ ସଂଯୋଜନାରେ କବି ସଚ୍ଚିଦାନନ୍ଦ କର, ନଳିନୀପ୍ରଭା ଦାଶ, ରାଜୀବ କୁମାର ଷଡଙ୍ଗୀ, ଅଭୟ ପାତ୍ର, ସ୍ନେହଲତା ଦ୍ୱିବେଦୀ, ସନ୍ତୋଷ କୁମାର ପଣ୍ଡା, ସୁରେନ୍ଦ୍ର ମହାପାତ୍ର, ସୁଶିଳ କୁମାର ରାଉତ, ରଘୁନାଥ ତ୍ରିପାଠୀ, ରାଜକିଶୋର ସ୍ୱାଇଁ, ଡଃ ବସନ୍ତ କୁମାରୀ ନନ୍ଦ, ବିଜେନ୍ଦ୍ର ମହୁରିଆ, ପ୍ରଭାତୀରାଣୀ ମହାନ୍ତି, ଜୟନ୍ତି ପତି, ଅରୁଣ କୁମାର ଅଗରବାଲ, ନମିତା ମହାନ୍ତି, ଉତ୍ତମ ଚରଣ ପ୍ରଧାନ, ଚିନ୍ମୟୀ ଆଚାର୍ଯ୍ୟ, ନରେଶ ଚନ୍ଦ୍ର ରାୟମହାପାତ୍ର, ନିରୁପମା ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୈତ୍ରୀଭୂଷଣ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୫।୧୨।୨୦୨୪, ମାର୍ଗଶିର ଦି୨୦ନ, ଗୁରୁବାର**

**ସୂର୍ଯ୍ୟୋଦୟ-** ଘ୬।୦୭।୩୯ **ଚନ୍ଦ୍ରୋଦୟ-** ଦିଘ ୯।୩୯।୧୩


**ଚତୁର୍ଥୀ-** ଦିଘ ୧୨।୫୦ ପର୍ଯ୍ୟନ୍ତ। **ଉତ୍ତରାଷାଢ଼ା ନକ୍ଷତ୍ର-** ସଂଘ ୫।୨୭ ପର୍ଯ୍ୟନ୍ତ। **ମକର ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପଞ୍ଚମୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧୨।୫୦ ପରେ ବେଲ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୭।୩୮ ମଧ୍ୟେ। ସଂଘ ୫।୫୫ ଗତେ ଘ ୯।୨୬ ମଧ୍ୟେ। **ପର୍ବୋତ୍ସବ -** ବିଶ୍ୱ ମୃତ୍ତିକା ଦିବସ।




**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ। ଲକ୍ଷ୍ୟସ୍ଥଳରେ ବିଳମ୍ବରେ ପହଞ୍ଚିବେ। ରୋଜଗାର ଭଲ ହେବ। ପାରିବାରିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବାର ସୂଚନା।




**ବୃଷ:** ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି। ଚାକିରୀ କ୍ଷେତ୍ର ଉନ୍ନତି ଦେଖାଦେବ। ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଆନନ୍ଦ ଦେଖାଦେବ।



**ମିଥୁନ:** ଯଶସ୍ୱୀ ହେବେ। ସମସ୍ତ କ୍ଷେତ୍ରରେ ବିଜୟୀ ହେବେ। ପାରିବାରିକ ଜୀବନ ସୁଖ ସନ୍ତୋଷ ଭିତରେ ଅତିବାହିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ଶରୀର ସୁସ୍ଥ ରହିବ।




**କର୍କଟ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଦେହ ଓ ମନ ଭଲ ରହିବ। ରୋଜଗାରରେ ଉନ୍ନତି ଦେଖାଦେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ଧର୍ମ କାର୍ଯ୍ୟ କରିପାରନ୍ତି।




**ସିଂହ:** ସତ୍ ମାର୍ଗରେ ପରିଚାଳିତ ହୋଇପାରନ୍ତି। ଆୟର ପରିମାଣ ବୃଦ୍ଧି ପାଇବ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ। ଘରେ ଅଶାନ୍ତି ଓ କଳହ ଦେଖାଦେବ। କୁଭୋଜନ କରିପାରନ୍ତି।



**କନ୍ୟା:** ଯଶ ଖ୍ୟାତି ଲାଭ କରିବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ଆନନ୍ଦମୟ ହେବ। ପିଲାମାନେ ପଢ଼ାପଢ଼ିରେ ଆଗେଇବେ।




**ତୁଳା:** ସମସ୍ତ କ୍ଷେତ୍ରରେ ପ୍ରଶଂସିତ ହେବେ। ଶତ୍ରୁ ଆପଣଙ୍କର ନାଶ ହେବେ। ପରୋପକାରୀ ହେବେ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା।



**ବିଛା:** ବ୍ୟବସାୟରେ ଲାଭବାନ୍ ହେବେ। ମାନସିକ ଶାନ୍ତି ଅବ୍ୟାହତ ରହିବ। ଆୟ ମଧ୍ୟମ ଧରଣର ହେବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ।



**ଧନୁ:** ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଆନନ୍ଦ ଦେଖାଦେବାର ସୂଚନା।



**ମକର:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢ଼ିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ।



**କୁମ୍ଭ:** ଶତ୍ରୁ ପରାସ୍ତ ହେବେ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଶୁଭଫଳ ପ୍ରାପ୍ତ ହେବ। ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ଦେଖାଦେବ।



**ମୀନ:** କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବେ। ରୋଜଗାର ଭଲ ହେବ। ଘରେ ସୁଖ ଶାନ୍ତି ରହିବ। ପରୋପକାରୀ ହେବେ।

# ଟାଙ୍କିରୁ ଗ୍ୟାସ୍ ଲିକ୍ ହୋଇ ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସଦର ସ୍ଥିତ ବିଶ୍ୱନାଥ କ୍ୟାଣ୍ଟିନ୍‌ରେ ଗ୍ୟାସ୍ ଲିକ୍ ହୋଇ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ଲିକ୍ ହୋଇ ଜଗତସିଂହପୁର ସହରରେ ଥିବା ବିଶ୍ୱନାଥ କ୍ୟାଣ୍ଟିନ୍ ଜଳିଗଲା। ଯାହାଫଳରେ ହଜାର ହଜାର ଟଙ୍କାର ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଛି। ଘଟଣାସ୍ଥଳରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। କାହାର କ୍ଷତି ଘଟିନାହିଁ ବୋଲି ସୂଚନା ମିଳିଛି। ଜଗତସିଂହପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୬।୧୨।୨୦୨୪, ମାର୍ଗଶିର ଦି୨୧ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୬।୦୮।୧୭ **ଚନ୍ଦ୍ରୋଦୟ-** ଦିଘ ୧୦।୨୫।୦୪

**ପଞ୍ଚମୀ-** ଦିଘ ୧୨।୦୮ ପର୍ଯ୍ୟନ୍ତ। **ଶ୍ରବଣା ନକ୍ଷତ୍ର-** ସଂଘ ୫।୧୮ ପର୍ଯ୍ୟନ୍ତ। **ମକର ଚନ୍ଦ୍ର-** ନିଘ ୫।୦୬ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। ନିଘ ୫।୦୬ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। ନିଘ ୫।୦୬ ଗତେ ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୧୨।୦୮ ପରେ ନିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୧୨ ଗତେ ଘ ୬।୫୬ ମଧ୍ୟେ। ଦିଘ ୧୧।୫୯ ଗତେ ଘ ୨।୫୩ ମଧ୍ୟେ। **ପର୍ବୋତ୍ସବ -** କୁରାଳ ପଞ୍ଚମୀ, ସୀତା ବିବାହ, ଡଃ. ରାଧାନାଥ ରଥ ଜୟନ୍ତୀ, ଜୟୀ ରାଜଗୁରୁଙ୍କ ଶହୀଦ ଦିବସ।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ନିଯୁକ୍ତି ହଟ୍‌ସ୍ପଟ୍ ତାଲିକାରେ ଓଡ଼ିଶା

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି । ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି । ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି । ମାଇଁ ଆର୍ କ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି । ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଉଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି । ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି । ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା । ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା । ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା । ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କମ୍ପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେଷ୍ଟୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି । ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି । ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଭୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଆମେ ବଞ୍ଚିବୁ କେମିତି ?



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ଈଶ୍ୱରଙ୍କ ସୃଷ୍ଟିରେ ଯାହାର ଜୀବନ ଅଛି ତାହାର ବଞ୍ଚିବାର ଅଧିକାର ମଧ୍ୟ ଅଛି । ବୃକ୍ଷ ଲତା , କୀଟ ପତଙ୍ଗ ଠାରୁ ଆରମ୍ଭ କରି ମନୁଷ୍ୟ ପଶୁ ପକ୍ଷୀ, ଜଳଚର ଜୀବ ଜନ୍ତୁ ସମସ୍ତେ ନିଜ ନିଜ ସାଧ ମତେ ବଞ୍ଚିବାର ପଥ ନିର୍ଦ୍ଧାରଣ କରି ନେଇ ଥା'ନ୍ତି । ତେବେ ଏହି ବଞ୍ଚିବା ପାଇଁ ବା ଜୀବନ ଧାରଣ କରିବା ପାଇଁ ସମସ୍ତଙ୍କୁ ଅନେକ ସଂଗ୍ରାମ କରିବାକୁ ପଡିଥାଏ, ମନୁଷ୍ୟ ପରି ଅତି ବୁଦ୍ଧିମାନ ପ୍ରାଣୀ ନିଜର ସ୍ୱାର୍ଥ ନିମନ୍ତେ ଅନେକ ଈଶ୍ୱର ପ୍ରଦତ୍ତ ଜୀବନ ନଷ୍ଟ କରି ନିଜର ସ୍ୱାର୍ଥ ସାଧନ ସହିତ ଉନ୍ନତ ଜୀବନଶୈଳୀକୁ ଆପଣାଇ ନେଇଥାଏ । ଏହା କହିବା ବାହୁଲ୍ୟ ଯେ ବୁଦ୍ଧି ଯାହାର ଯେତେ ଅଧିକ ସେ ସେତେ ସୁନ୍ଦର ଜୀବନ ଯାପନ କରି ପାରିବ, ତେବେ ବିଭିନ୍ନ ଦେଶର ଆଇନ କାନୁନ ଅଛି ତେଣୁ ସ୍ୱେଚ୍ଛାଚାରିତା ତ' ଆଉ ଚାଲିବ ନାହିଁ ତେଣୁ କିଛି ବ୍ୟକ୍ତି ସୁଯୋଗ ଉଣ୍ଡି ଗଳାବାଟ ଦେଇ କିଛି ନିୟମ ବିରୁଦ୍ଧ କାର୍ଯ୍ୟ କରି ଉନ୍ନତ ଶୈଳୀରେ ବଞ୍ଚିବାର ପ୍ରୟାସ ଜାରି ରଖି ଥାନ୍ତି । ଯେତେବେଳେ ଧରପଗଡ଼ ହୁଏ ସେହି ଜାତୀୟ ବ୍ୟକ୍ତି ବିଶେଷ ମାନେ ରାଜ ରାସ୍ତାକୁ ଓହ୍ଲେଇ 'ଆମେ କେମିତି ବଞ୍ଚିବୁ ?' ନାରା ଲଗାଇ ଥା'ନ୍ତି, ଆସନ୍ତୁ ଏହି ବିଷୟରେ କିଛି ଆଲୋଚନା କରିବା ।

ଭାରତ ପରି ଗଣତନ୍ତ୍ର ଦେଶରେ 'ଆମେ କେମିତି ବଞ୍ଚିବୁ ? ଆମକୁ ଥଇଥାନ ଦରକାର, ସରକାର ଆମ ଦାବି ମାନି ନିଅ, ନ ହେଲେ ନିଆଁ ଜଳିବ, ରାସ୍ତା ଅବରୋଧ ହେବ, ଏହାର କୁପରିଣାମ ଦ୍ୱାରା ଅନେକ ଧନ ଜୀବନ ନଷ୍ଟ ହେବାର ନଜିର ମଧ୍ୟ ଦିଆ ଯାଇପାରେ । ତେବେ ଏମାନେ କିଏ ? କ'ଣ ତାଙ୍କର ଦାବି ? ସରକାର କାହିଁକି ମାନି ନେବେ ? ଏଠାରେ ନିୟମ କାର୍ଯ୍ୟକାରୀ ହେବ ନା ଭୋଟ ବ୍ୟାଙ୍କ କାର୍ଯ୍ୟକାରୀ ହେବ ? ହୁଏତ କିଛି ବ୍ୟକ୍ତି କହି ପାରନ୍ତି ଜୀବନ ଜୀବିକା ନିମନ୍ତେ ମାନବିକତା ଆଇନ କାନୁନ ଠାରୁ ଉର୍ଦ୍ଧ୍ୱରେ, ହଁ ତାହା ମଧ୍ୟ ଏକ ପ୍ରକାର ବଳିଷ୍ଠ ଯୁକ୍ତି ହୋଇପାରେ । କିଛି ଉଦାହରଣ ମାଧ୍ୟମରେ ଆଲୋଚିତ ବିଷୟ ଉପରେ ରେଖାପାତ କରାଯାଇ ପାରେ (୧) ସରକାର ଶବ୍ଦ ପ୍ରଦୂଷଣ ନିମନ୍ତେ ଡି:ଜେ ସମ୍ପୂର୍ଣ୍ଣ ବନ୍ଦ କରି ନଥିଲେ ମଧ୍ୟ ୬୫ ଡି : ବି ଶବ୍ଦ ଉତ୍ପନ୍ନ ତଥା ଭାଇବ୍ରେଟର୍ ଉପରେ ରୋକ୍ ଲଗାଇଲେ ଏଥିରେ ଡି:ଜେ ମାଲିକ ମାନେ କହିଲେ ଆମେ କେମିତି ବଞ୍ଚିବୁ ? ଭାଇ ମାନେ ଗତ ୨୦/୨୫ ବର୍ଷ ତଳେ କଣ ଡି:ଜେ ଥିଲା କି? ପୁଣି ଆପଣ ମାନେ ବଞ୍ଚୁଥିଲେ ନା ନାହିଁ ? ଅତ୍ୟଧିକ ଉପାର୍ଜ୍ଜନ ତଥା ସରକାରୀ ନିୟମକୁ ନ ମାନିବାକୁ ଏମାନେ ଏକ ପ୍ରକାର ଆହ୍ୱାନ ଦେଉଛନ୍ତି (୨) ଅଟୋ ଚାଳକ ଅନ୍ୟ ରାଜ୍ୟ ପରି ନିୟମରେ ଓଡ଼ିଶାରେ ଅଟୋ ଚଳାଇବାକୁ ନାରାଜ, ଓଭର ଲୋଡ୍ ଯାତ୍ରୀ ନେବେ କହିଲେ କହିବେ ଆମେ ବଞ୍ଚିବୁ କେମିତି ? ଦୁର୍ଘଟଣା ହେଲେ ସରକାର ବୁଝିବେ, ଭାଇ ମାନେ ଅନ୍ୟ ସ୍ଥାନରେ/ ସହରରେ ଅଟୋ ଚାଳକ ବଞ୍ଚୁଛନ୍ତି କେମିତି ଟିକେ ଯାଇ ଦେଖିଆସ, ସରକାରଙ୍କୁ ବୋଧ ହୁଏ ଏକ ଖୋଲା ଆହ୍ୱାନ ବୋଲି ମନେ ହୁଏ (୩) ସରକାରୀ ଜମିରେ ପ୍ରଥମେ ପ୍ଲାଷ୍ଟିକ୍ ଜରି, ପରେ ଇଟା ସିମେଣ୍ଟ କଂକ୍ରିଟ୍ ଘର କରି ରହିବେ ଏବଂ ସରକାରୀ /ବେସରକାରୀ ଦଲାଲ ମାନେ ଟଙ୍କା ନେଇ ସେମାନଙ୍କୁ ଅନୁମତି ଦେବେ, ବିଜୁଳି, ପାଣି କଳ, ଗ୍ୟାସ ସଂଯୋଗ ଦେବେ, ସରକାର ଯେତେବେଳେ ସର୍ବ ସାଧାରଣଙ୍କ କାର୍ଯ୍ୟ ନିମନ୍ତେ ସେମାନଙ୍କୁ ଉଠାଇବାକୁ ଚେଷ୍ଟା କରିବେ ସେତେବେଳେ ସେମାନେ 'ଥଇଥାନ' ଶବ୍ଦ ଉଚ୍ଚାରଣ କରି ହରତାଳ କରିବେ, କିଛି ନେତା ମଧ୍ୟ ଭୋଟବ୍ୟାଙ୍କ ପାଇଁ ତାଙ୍କ ସହିତ ସାମିଲ ହୋଇଯିବେ । ଭୋଟବ୍ୟାଙ୍କ ଭୟରେ ସରକାର ମାଗଣାରେ ସେମାନଙ୍କୁ ଜମି, ଘର ଯୋଗାଇ ଦେଉଛନ୍ତି । ଜଣେ ନିଷ୍ଠାବାନ ବ୍ୟକ୍ତି ସାରା ଜୀବନ କଷ୍ଟ ଅର୍ଜିତ ଧନରେ ଜାଗାଟିଏ କିଣି ପାରୁ ନ'ଥିବା ସମୟରେ ଏପରି ଗୋଷ୍ଠୀଙ୍କୁ କାହିଁକି ସରକାର ମାଗଣାରେ ଜମି ଦେଉଛନ୍ତି ? (୪) ରଙ୍ଗ ଶାଳା ବା ବାର ଡ୍ୟାନ୍ସର୍ ମାନେ ଅନୈତିକ ଭାବେ ଆଇନକୁ ଆଖି ଠାର ମାରି ନୃତ୍ୟ ପରିବେଷଣ କରି ଭଲ ରୋଜଗାର କରୁଛନ୍ତି , କିନ୍ତୁ ଏହା ଦ୍ୱାରା ସମାଜର କେତେ କ୍ଷତି ହେଉଛି ତାହା ହୁଏତ ସେମାନେ ଜାଣି ପାରୁ ନାହାନ୍ତି । ନିୟମ ଅନୁସାରେ ଏହି ପ୍ରଥା ବନ୍ଦ କରି ଦେବା ପରେ ସେମାନେ କହିଲେ 'ଆମେ ବଞ୍ଚିବୁ କେମିତି ?' ଭଉଣୀ ମାନେ ଏହା ପୂର୍ବରୁ ଆପଣ ମାନେ କେମିତି ବଞ୍ଚୁଥିଲେ ? ବଞ୍ଚିବା ନିମନ୍ତେ ବାର ଗାର୍ଲ ନ ହୋଇ ଅନ୍ୟ ପନ୍ଥା ମଧ୍ୟ ଉପଲବ୍ଧ ତେଣୁ ଚେଷ୍ଟା କରନ୍ତୁ ଭଗବାନଙ୍କ ଦୁନିଆରେ ନିଶ୍ଚିତ ଭଲ ଭାବେ ବଞ୍ଚି ପାରିବେ (୫) ଉଠା ଦୋକାନୀ ମାନେ ଲୋକଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି ନିମନ୍ତେ ସଡକ , ଫୁଟପାଥ୍ ଉପରେ ବ୍ୟବସାୟ କରି ଆସୁଛନ୍ତି ଯାହାକି ନିୟମ ବିରୁଦ୍ଧ , ଯଦି ଟ୍ରାଫିକ୍ ଜାମ୍ ପାଇଁ ସରକାର ସେମାନଙ୍କୁ ଉଠାଇ ଦେଲେ ତେବେ ସେମାନେ 'ଆମେ ବଞ୍ଚିବୁ କେମିତି ?' ନାରା ଲଗାଇ ହରତାଳ କରୁଛନ୍ତି । ଭାଇ ଭଉଣୀ ମାନେ ଅନଧିକାର ଭାବେ ସରକାରୀ ସ୍ଥାନରେ ଆପଣ ମାନେ ଯଦି ବ୍ୟବସାୟ କରିବେ, କ୍ରେତା ମାନେ ଗାଡି ମଟର ଧରି ରାସ୍ତା ଅବରୋଧ କରିବେ ତେବେ ଆମ୍ବୁଲାନ୍ସ, ଦମକଳ ଟିଏ ମଧ୍ୟ ଯାତାୟାତ କରିବାରେ ବ୍ୟାଘାତ ସୃଷ୍ଟି ହୁଏ ସେକଥା ଆପଣ ମାନେ ଭୁଲି ଯା'ନ୍ତୁ ନାହିଁ (୬) ବେପରୁଆ ଭାବେ ନିଶା ଦ୍ରବ୍ୟ ସର୍ବସାଧାରଣ ସ୍ଥାନରେ ବିକ୍ରି କରିବାକୁ ଯଦି ବିରୋଧ କରାଯାଏ ତେବେ ସେମାନଙ୍କ ନାଲି ଆଖି ଦେଖି ସରକାର ମଧ୍ୟ ଭୟଭୀତ ହୁଅନ୍ତି (୭) ସ୍ପା, ବ୍ୟୁଟି ପାର୍ଲର୍ ନାମରେ ଦେହ ବ୍ୟବସାୟ ଚଳାଉଥିବା କେତୋଟି ସଂସ୍ଥା ଅଛନ୍ତି ତାଙ୍କ ଉପରେ ଯଦି ଅଙ୍କୁଶ ଲାଗିଲା ତେବେ ସେମାନେ କହୁଛନ୍ତି 'ଆମେ ବଞ୍ଚିବା କେମିତି ?' (୮) ଭିକାରି ହଟାଓ କାର୍ଯ୍ୟକ୍ରମରେ ଯଦି ସରକାର କିଛି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତେବେ ଭିକାରି ଦଳ ମନ୍ଦିର, ମସଜିଦ୍ ଗୁରୁଦ୍ୱାରା ତଥା ଜନ ଗହଳି ସ୍ଥାନରେ ହରତାଳ କରିବାକୁ କିଛି ଦଲାଲଙ୍କ ଜରିଆରେ ପ୍ରୋତ୍ସାହନ ପାଉଛନ୍ତି (୯) ପରିବହନ ସଂସ୍ଥା ଆବଶ୍ୟକତା ଠାରୁ ଢେର ଅଧିକ ଯାତ୍ରୀ ବିପଦ ସଂକୁଳ ଅବସ୍ଥାରେ ପରିବହନ କରୁଛନ୍ତି ଏହାକୁ ବିରୋଧ କଲେ 'ଆମେ ବଞ୍ଚିବୁ କେମିତି ?' ଜଳରେ ଚାଲୁଥିବା ଡଙ୍ଗା/ ବୋଟ୍ ଇତ୍ୟାଦିର ଅବସ୍ଥା ମଧ୍ୟ ଏକ ପ୍ରକାର (୧୦) ବେଶ୍ୟାଳୟ ଉଚ୍ଛେଦ ସମୟରେ ମଧ୍ୟ 'ଆମେ ବଞ୍ଚିବୁ କେମିତି ?' ନାରାବାଜି ଶୁଭୁଛି (୧୧) ସରକାର ନିୟମ କଲେ ଦୀପାବଳିରେ ଫୋଟକା ସନ୍ଧ୍ୟା ୭ ଟା ରୁ ୯ ଟା ପର୍ଯ୍ୟନ୍ତ ଫୁଟିବ କିନ୍ତୁ କିଏ ଏ କଥା ମାନିଲେ ? ଲାଗ ଲାଗ ୨ ଦିନ ଧରି ଫୋଟକା ଫୁଟିଲା ଲୋକେ ଅସହ୍ୟ କଷ୍ଟ ଅନୁଭବ କଲେ , ଏଠାରେ ମଧ୍ୟ ଫୋଟକା ବେପାରୀ ମାନେ କହିଲେ 'ଆମେ ବଞ୍ଚିବୁ କେମିତି ?' ଭାଇମାନେ ୩୫୦ କୋଟି ଟଙ୍କାର ଫୋଟକା ଜାଳିଦେଲ, ବାୟୁମଣ୍ଡଳ ପ୍ରଦୂଷିତ କଲ ଆଉ କଣ ଚାହଁ ? (୧୨) ଖଣି , ପାଣି , ଜି ଏସ ଟି ହଜମ କଲ , ଅପମିଶ୍ରିତ ଖାଦ୍ୟ ବିକିଲ, ନକଲି ବିଲ କରି ଡାକ୍ତରଖାନାରେ ରୋଗୀଙ୍କୁ 'ଶବ' କରି ଲୁଟିଲା ପରେ ମଧ୍ୟ ସେହି ; ଆମେ କେମିତି ବଞ୍ଚିବୁର ନାରାବାଜି ଚାଲିଛି (୧୩) ସବୁଠାରୁ ବିପଦଜନକ ଗୋଷ୍ଠୀ ହେଲେ କିଛି ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ବୃନ୍ଦ ସେମାନେ କୁହନ୍ତି 'ଲାଞ୍ଚ ଖାଇବା, ଦୁର୍ନୀତି କରିବା , ସରକାରୀ/ବେସରକାରୀ ଧନ ସମ୍ପତ୍ତି ହଡପ୍ କରିବା, ଜନତାଙ୍କୁ ସରକାରୀ କାର୍ଯ୍ୟରେ ନିର୍ଯାତନା ଦେବା, ଆୟ ବହିର୍ଭୁତ ଅମାପ ସମ୍ପତ୍ତିର ମାଲିକ ହେବା ତାଙ୍କର ଜନ୍ମସିଦ୍ଧ ଅଧିକାର , ଏଥିରୁ ନିବୃତ ରହିବାକୁ ଯଦି କୁହାଯାଏ ତେବେ ସେମାନେ ମଧ୍ୟ ସମାନ ଭାବେ ଉତ୍ତର ଦିଅନ୍ତି ଯେ 'ଏହି ମହରଗ ସମୟରେ ଖାଲି ଦରମା ଗଣ୍ଡାକରେ ଆମେ ବଞ୍ଚିବୁ କେମିତି ? (ଯଦିଓ ସରକାର ବର୍ଷକୁ ଦୁଇଥର ମହଙ୍ଗା ଭତ୍ତା ବୃଦ୍ଧି କରି କର୍ମଚାରୀମାନଙ୍କୁ ଖୁସି କରନ୍ତି)' ତେଣୁ ସର୍ବସାଧାରଣ ବିଚାର କରନ୍ତୁ 'ଆମେ ବଞ୍ଚିବୁ କେମିତି ?'ର ସମାଧାନ କିପରି ହୋଇ ପାରିବ ? ସରକାର ଆଉ କ'ଣ କ'ଣ ପଦକ୍ଷେପ ନେଇ ପାରିବେ ? ଆମେ ସତରେ କଣ ସ୍ୱାଧୀନ ନା ପୃଥିବୀର ସର୍ବବୃହତ ସ୍ୱାଧୀନ ଗଣତନ୍ତ୍ର ରାଷ୍ଟ୍ର ବୋଲାଉଥିବା ଦେଶରେ ଜଣେ ଜଣେ ପରାଧୀନ ଗୋଲାମ ? 'ଜୋର ଯାହାର ମୂଳକ ତାହାର' ଢାଞ୍ଚାରେ ଆମେ ସାଧାରଣ ଜନତା ସର୍ବଦା ନିର୍ଯାତିତ, ନିଷ୍ପେସିତ ହେଉଥିବା ସମୟରେ ସରକାର କିଛି ଗୋଷ୍ଠୀଙ୍କୁ 'ମାଗଣା' ଜାଲରେ ଫସାଇ ହାଁ ଜି, ହାଁ ଜି କରାଇ ଚୌକି ସମ୍ଭାଳି ପାରିଛନ୍ତି । କ୍ୟାନ୍ସର ବା ଏଡ୍ସ ପରି 'ଆମେ କେମିତି ବଞ୍ଚିବା ' ମାଡି ମାଡି ଯାଉଛି , ସମସ୍ତେ ସମସ୍ତଙ୍କୁ ଲୁଟିବାରେ ବ୍ୟସ୍ତ । ଉଦାହରଣ ଦେଇ ଚାଲିଲେ ତ' ଅସଂଖ୍ୟ ଉଦାହରଣ ଦେଇ ହେବ ତେବେ କିଛି ତ' ଆପଣ ମାନେ ଜାଣନ୍ତି ...ନକଲି ଔଷଧ, ନକଲି ସାମଗ୍ରୀ, ନକଲି ଅଫିସର, ନକଲି ଡାକ୍ତର ସମସ୍ତେ ସେହି ଏକ କଥା କୁହନ୍ତି ...'ଆମେ ବଞ୍ଚିବୁ କେମିତି ? ଖବର କାଗଜ , ଟିଭି ସଂସ୍ଥା ମଧ୍ୟ କିଛି ନ'ଜାଣି ନ'ଶୁଣି ଅର୍ଥ ଉପାର୍ଜନ ନିମନ୍ତେ ଅନେକ ମିଥ୍ୟା ବିଜ୍ଞାପନ ପ୍ରଚାର ପ୍ରସାର କରିଥାନ୍ତି , ଚିତ୍ର ତାରକା ମାନେ ବିଜ୍ଞାପନ ମାଧ୍ୟମରେ ଜନତାଙ୍କୁ ଦିନରେ ଲଣ୍ଠନ ଦେଖାଇବାକୁ ଚେଷ୍ଟିତ । ଜନତା ମଧ୍ୟ ତାଙ୍କ ବିଜ୍ଞାପନ ମୋହରେ ନିଜର କ୍ଷତି କରି ଚାଲନ୍ତି , ସରକାର ମଦ/ ନିଶା କାରବାର କରି ଲକ୍ଷ ଲକ୍ଷ କୋଟି ଉପାର୍ଜନ କରନ୍ତି ଏହା ପଛରେ ମଧ୍ୟ 'ଆମେ କିପରି ବଞ୍ଚିବୁ/ ସରକାର କିପରି ଚାଲିବ ? ଲୁକ୍କାୟିତ ଅବସ୍ଥାରେ ଥାଏ । ତେଣୁ ସମସ୍ତେ ନ୍ୟାୟ /ଅନ୍ୟାୟ ଉପାୟ ଅବଲମ୍ବନ କରି ବଞ୍ଚିବା ନିମନ୍ତେ ସଂଗ୍ରାମ ରତ ସେଥିରେ କାହାର କ'ଣ କ୍ଷତି ହେଲା କିମ୍ବା କିଏ ମାନବିକ ଅଧିକାରରୁ ବଞ୍ଚିତ ହେଲା ତାହା ଦେଖିବାକୁ କେହି ନାହାନ୍ତି । ଖୁବ ସ୍ୱାର୍ଥପର ଦୁନିଆ ଏବଂ ସ୍ୱାର୍ଥପର ସରକାର, ତାଙ୍କ ଠାରୁ ସାରଗର୍ଭକ ଭାଷଣ, ମିଥ୍ୟ ପ୍ରତିଶୃତି, ସ୍ୱ ବିଜ୍ଞାପନ ବ୍ୟତୀତ ଆଉ କଣ ବା ଆଶା କରାଯାଇ ପାରେ ? ଭାଇ କଥାରେ ଅଛି 'ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ' ସେ ଯୁଗ ନାହିଁ କି ସେ ପଖାଳର ବାସ୍ନା ଆଉ ନାହିଁ । ତେଣୁ ସମୟ ସହିତ ତାଳ ଦେଇ ଚାଲିବାକୁ ହେବ ନତୁବା ସମସ୍ତଙ୍କର ଚକ୍ଷୁଶୂଳ ହେବାକୁ ପଡିବ, ତେବେ ସତ୍ୟ ଯୁଗ ପାଖେଇ ଆସିଲାଣି, ଅନ୍ୟାୟ /ଅନୀତି ହୁଏତ ନିକଟ ଭବିଷ୍ୟତରେ ଦୂର ହେବ ଏହି ଆଶାରେ ବଞ୍ଚିବାକୁ ହେବ ବୋଲି ମୋର ନିଜସ୍ୱ ଧାରଣା, ତେଣିକି ଜଗନ୍ନାଥ ଭରସା ।

# ସେବେ ଓ ଏବେ

ଚକ୍ରଧର ପ୍ରହରାଜ
ବରିଷ୍ଠ ନାଗରୀକ
ଏ-୨୮ ବିଜେବି ନଗର
ଭୁବନେଶ୍ୱର

ବିଗତ ଉନ୍ନବିଂଶ ଶତାବ୍ଦୀ ହେଉଛି ଶିକ୍ଷା, ଶିଳ୍ପ, ସାହିତ୍ୟ, ଯୁଦ୍ଧ ବିଭୀଷିକା ଆନ୍ଦୋଳନ ଓ ଜନଜାଗରଣର ଅଭ୍ୟୁଦୟ କାଳ । ଉକ୍ତ ଅବଧିରେ ପୃଥିବୀର ଅନେକ ଦେଶରେ ତଥା ଆମ ଭାରତ ବର୍ଷରେ ବହୁତ ଘଟଣା ଓ ଦୁର୍ଘଟଣା ଘଟିଯାଇଛି । ଭଗବାନଙ୍କ କୃପାରୁ ଅନେକ ସାଧୁ ସନ୍ୟାସୀ, ବିଦ୍ୱାନ୍, ରାଜନେତା, ଲେଖକ, କବି ଆଦି ମନୀଷୀ ଏହି ଯୁଗରେ ଆମ ଦେଶରେ ଜନ୍ମଲାଭ କରିଛନ୍ତି । ସେହି ପବିତ୍ର ମାନବ ମାନଙ୍କର ନାମ ଉଲ୍ଲେଖ କରିବାକୁ ଯାଇ ସନ୍ଦର୍ଭଟିର କଳେବର ବଢାଇବାକୁ ଚାହୁଁ ନାହିଁ ।

ମହାମହିମ ରେଭେନସା ସାହେବଙ୍କ କାର୍ଯ୍ୟାବଳୀ ସଂପର୍କରେ ଓଡ଼ିଶାର ଅଗ୍ରଗତି ବା ଅଧୋଗତି ସଂପର୍କରେ ଗଣମାଧ୍ୟମରେ ବହୁତ ଆଲୋଚନା ହୋଇଛି ଓ ହେଉଛି ମଧ୍ୟ । କିନ୍ତୁ ଓଡ଼ିଶାର ସାଧାରଣ ଜନତାଙ୍କ ସଂପର୍କରେ ବିଶେଷତଃ ସେମାନଙ୍କର ଆର୍ଥିକ, ଶିକ୍ଷା ଓ ଚଳଣୀ ସଂପର୍କରେ ବିଶେଷ ଆଲୋଚନା ହେଉନାହିଁ । କାରଣ ତାହା ଦରକାର ପଡନାହିଁ । ଏହି ପ୍ରସଙ୍ଗରେ ଏତିକି ଉଲ୍ଲେଖ କରାଯାଏ ଯେ, ସିରସ୍ତଦାର ଓ ତଳିଆ କର୍ମଚାରୀମାନେ, ତିରୋଟ ସଂପର୍କରେ ସାହାବଙ୍କୁ ଯାହା ଜଣାଇଥିଲେ, ତାହା ସଂପୂର୍ଣ୍ଣ ଭୁଲ ନଥିଲା, ଜମିଦାର ମହାଜନ ଓ ବଡ ବଡ ଚାଷୀଙ୍କ ପାଖରେ ଧାନ, ସେମାନଙ୍କ ଅମାର କୋଠି ଓ ଖଣି ମାନଙ୍କରେ ମହଜୁଦ୍ ଥିଲା । ହୁଏତ ତାହା ଆବଶ୍ୟକତାକୁ ପୁରଣ କରିପାରିନଥାନ୍ତା, କିନ୍ତୁ ସରଜମିନ୍ ତଦନ୍ତ କରି ଧାନ ସେମାନଙ୍କ ଠାରୁ ବିକେଇ ହୋଇ ପାରିଥାଆନ୍ତା । ଯାହାଦ୍ୱାରା ଅଭାବୀ, କିଛି ପରିମାଣରେ ପ୍ରଶମିତ ହେବାର ସମ୍ଭାବନା ଥିଲା ।

ମୁଁ ଯେତିକି ଦେଖିଛି, ଦ୍ୱିତୀୟ ମହାଯୁଦ୍ଧ ଓ ପରବର୍ତ୍ତି ଅବସ୍ଥାରେ ଧାନର ଅଭାବ ମଧ୍ୟ ଥିଲା । କାରଣ ହେଉଛି ସେତେବେଳେ ବନ୍ଧବାଡ ନଥିବାରୁ ନଈବଢି ଦ୍ୱାରା କ୍ଷେତ ଓ ଘର ପ୍ଲାବିତ ହେଇଯାଉଥିଲା । ଧାନ ପ୍ରାୟ ଧୋଇ ଯାଉଥିଲା । ଚାଷୀମାନେ ବଢିପାଣି ଛାଡି ଯିବା ପରେ ସୋରିଷ, ମାଣ୍ଡିଆ, ପେସି, ରାଶି ଆଦି ଅମଳ କରି ଗୁଜୁରାଣ କିୟତ ପରିମାଣରେ ମେଣ୍ଟାଉଥିଲେ । ଧାନ ଅଭାବରୁ ମାଣ୍ଡିଆ ଯାଉ ଓ ତା ଦେହରେ କିଛି ଚାଉଳ ପକାଇ ରାନ୍ଧି, ପିଲାଙ୍କୁ ଓ ନିଜେ ଖାଉଥିଲେ । ଧାନ ଖର୍ଦ୍ଦି ପାଇଁ ଗରୀବ ଲୋକମାନେ ଧାନ ସଞ୍ଚୟ କରିଥିବା ମାହାଜନଙ୍କ ଦୁଆରେ ଅଖାଧରି ସକାଳୁ ବସୁଥିଲେ । ସରକାରଙ୍କ ତତ୍ପରତା ଯୋଗୁଁ ସପ୍ଲାୟ ସୁପର ଭାଇଜରମାନେ ଗାଁ ଗାଁ ବୁଲି, ଧାନ ମହଜୁଦକାରୀଙ୍କ କୋଠି ଓ ଖମାର ତଦାରଖ କର ଜବରଦସ୍ତ ଧାନ ବିକେଇ ଦେଉଥିଲେ । ଧାନ କୋଠି ସବୁ ଘର ମଧ୍ୟରେ ଏକ ଆଟୁ ନିର୍ମିତ ଉଚ୍ଚାଘରେ ତଳେ ଓ ଉପରେ ଦୁଇଟି କବାଟ ଥିବା କୋଠରୀରେ ରଖାଯାଉଥିଲା । ଲୋକେ ଏ ସବୁ କାରସାଦି ଜାଣିଥିଲେ ଓ ସପ୍ଲାଇ ଲୋକଙ୍କୁ ଜଣାଇ ବଣ୍ଟନ ବ୍ୟବସ୍ଥା ସୁଗମ କରାଇ ଦେଉଥିଲେ । ଏ ଘଟଣା ୧୯୪୦-୪୫ ମସିହା କଥା ।

ଏବେ ଏକ ସାଧାରଣ ଲୋକଙ୍କ ଜୀବନ ଶୈଳୀ ଦେଖିବା, ସେ ସମୟର ଜଣେ ବୃଦ୍ଧ ବ୍ରାହ୍ମଣଙ୍କର ବର୍ଣ୍ଣନା କରିଥିବା ଜୀବନ ନିର୍ବାହ ଧାରା ଏହିପରି ଥିଲା । ଘରେ ଦୁଇବେଳା ଖାଇବାକୁ ନଥିଲା । ଅଭାବ ଦୃଷ୍ଟିରୁ ଚାଟଶାଳୀରେ ପଢିବାକୁ ଯାଇପାରି ନଥିଲେ । କାରଣ ମାଷ୍ଟ୍ରଙ୍କୁ ସପ୍ତାହକେ ଦିନେ ଗୋଟିଏ ବେଳା ଖାଇବାକୁ ଦବାକୁ ପଡୁଥିଲା । ତାଙ୍କ ମାତାଙ୍କ ଅନୁରୋଧରେ, ପଣ୍ଡିତଙ୍କ ପିତା ଅଧଲାଏ ପଇସାରେ ଗୋଟିଏ ଖଡିମୁଣ୍ଡା ଆଣି ଭୂମିରେ ଲେଖି ପାଠ ପଢାଇ, ଭାଗବତ ପଢା ଅଭ୍ୟାସ କରାଇଦେଲେ । ଶିକ୍ଷା ଶେଷ । ବ୍ରତଘର ସମାପ୍ତି ପରେ ଦଶବର୍ଷ ବୟସରୁ ରୋଜଗାର ପାଇଁ କଟକ ପଠାଇଦେଲେ । ତାଙ୍କ ପିଉସାଙ୍କ ପାଖରେ ରୋଷେଇରେ ସାହାଯ୍ୟ କରି ଚାକିରି ଆରମ୍ଭ କଲେ । ନିଜେ ନିଜେ ଅଧ୍ୟୟନ କରି ମହାମାନ୍ୟ ଗୌରୀଶଙ୍କର ରାୟଙ୍କ ପ୍ରିଣ୍ଟିଂ କମ୍ପାନୀରେ କମ୍ପୋଜିଟର ଭାବେ ଜୀବିକା ଆରମ୍ଭ କଲେ । ପରେ ହରମୋହନ ଦତ୍ତଙ୍କ ଦତ୍ତପ୍ରେସରେ ମୁକରିର ହେଲେ । ବୟସାଧିକ କାରଣରୁ ଗ୍ରାମକୁ ଆସି ସୁଖଜୀବନ କଟାଇଲେ ଓ ସାପ୍ତାହିକ ସମାଜ ମଗାଇ ପଢୁଥିଲେ । ସେ କହନ୍ତି, ବିନା ବିଦ୍ୟାଳୟ ଶିକ୍ଷାରେ ତାଙ୍କୁ ପଣ୍ଡିତ ବୋଲି ସଂବୋଧନ କଲେ, ଲାଜ ଲାଗେ । ତାଙ୍କ କହିବା ଅନୁଯାୟୀ, କଟକ ସହରର ଜଙ୍ଗଲମୟ ଥିଲା । ସଂପ୍ରସାରଣ ପରିଧି ଚୌଧୁରୀ ବଜାର ଯାଏ ଥିଲା । ପ୍ରାୟ ଦିନ ଥାଉ ଥାଉ ଯିବାକୁ ପଡୁଥିଲା । ଗାଁକୁ ବର୍ଷକେ ଥରେ କୁମାର ପୂର୍ଣ୍ଣିମାକୁ ଘର ଠାକୁର ଶ୍ରୀ ଲକ୍ଷ୍ମୀ ନାରାୟଣଙ୍କ ଜନ୍ମ ଦିବସ ପାଳନ କରିବାକୁ ଯାଆନ୍ତି । ସାଥିରେ ଗୋଟିଏ ଜାଉଁଳି ପକାଇ (ଗୋଟିଏ ଲୁଗାକୁ ଜାଉଁଳି ଦୁଇ ପଟ ଗଣ୍ଠି ପକାଇ ବେଗ୍ ବ୍ୟବସ୍ଥାକୁ ଜାଉଁଳି କୁହାଯାଏ) ଗୋଲା ଆଳୁ ( ବିଲାତି ଆଳୁ) ନେଇ ଯାଆନ୍ତି । ତାହା ଠାକୁର ପୂଜାରେ ରନ୍ଧାଯାଏ । ସେ ମଧ୍ୟ ଆଳୁ କାଟିବା ଓ ରୋଷେଇ କରିବା ବତାଇ ଦେଉଥିଲେ । କଟକରୁ ଗାଁ ଷାଠିଏ କୋଶ ବାଟ ଚାଲି ଚାଲି ଗୋଟିଏ ଦିନରେ ପହଞ୍ଚିଥିଲେ । ସେତେବେଳ ପର୍ଯ୍ୟନ୍ତ ବିଲାତି ଆଳୁ ଗାଁକୁ ଯାଇନଥିଲା ।

ସାଧାରଣ ଲୋକେ ପ୍ରାୟ ଜମିହୀନ ମୂଲିଆ ଥିଲେ । ଜମିର ମାଲିକାନା, ଜମିଦାର ଓ ମହାଜନଙ୍କ ପାଖରେ ଥିଲା । ଦରକାର ବେଳେ ଧାନ ଦେଢି ନେଉଥିଲେ ଓ ଅମଳ ପରେ ଦେଢି ଗୌଣୀରେ ମାପି ଦେଇ ଆସୁଥିଲେ । କିନ୍ତୁ ନବା ବେଳକୁ ଟିକିଏ ଛୋଟ ଗୌଣୀ, ତିନି ସେରିଆରେ ନେଉଥିଲେ ।

ସେ ସମୟରେ କଣ୍ଟ୍ରୋଲ ଜରିଆରେ ଆବଶ୍ୟକୀୟ ଦ୍ରବ୍ୟ ମିଳୁଥିଲା । ଦୋକାନୀମାନେ କଟକରୁ ଡଙ୍ଗା ବା ବଳଦ ଗାଡିରେ ମାଲ ଉଠାଉଥିଲେ । ଯେଣୁ କଟକ ମାଲଗୋଦାମ କାଠଯୋଡିର ଅପର ପାଖରେ ଥିଲା, ଡଙ୍ଗା ସାହାଯ୍ୟରେ ଆଣି ମୁକାମ୍ ସହରରେ ରଖିଥିବା ଶଗଡରେ ଲଦି କରି ନେଉଥିଲେ । ସପ୍ଲାଇ ଅଫିସ୍‌ରୁ କୋଟା ପରିମାଣ ଆଦେଶ ନାମା ଆଣି ଡିଲରଙ୍କ ଠାରୁ ଖର୍ଦ୍ଦି କରୁଥିଲେ । ବିକ୍ରୀ ବେଳକୁ ଧୋତି ବା ଶାଢି କିଣିଲେ, ଧାନ ଗଜେ ବା ଦୁଇ ଗଜ ତା ସହିତ ନବାକୁ ବାଧ ବାଧକତା ଥିଲା । ବଢିପାଣି ସମୟରେ ଡିଲରଙ୍କ ଗାଁକୁ ଡଙ୍ଗାରେ ଯାଇ ଆବଶ୍ୟକ ଜିନିଷମାନ ଆଣୁଥିଲେ । କାରଣ ଡିଲର, ୟୁନିଅନ୍‌ରେ ସୀମିତ ସଂଖ୍ୟକ ଥିଲେ । ଶିକ୍ଷା ଦିଗରେ ଦେଖିଲେ ବଡବଡ ଗାଁ ମାନଙ୍କରେ ପ୍ରାଇମେରୀ ସ୍କୁଲଥିଲା । ଦୂରଦୂରାନ୍ତରେ ମାଇନର ସ୍କୁଲ ଓ ହାଇସ୍କୁଲ ଥିଲା । ଯାହାହେଉ, ଦୂରକୁ ଯାଇ କେତେକ ମାଇନର ଟିଏ ପାସ୍‌କରି ଜିଲ୍ଲାବୋର୍ଡ ଦ୍ୱାରା ନିଜୁକ୍ତି ପାଇଁ ସ୍କୁଲମାନଙ୍କରେ ଚାକିରି ଖଣ୍ଡିଏ ପାଇ ପାରୁଥିଲେ । ସେତେବେଳେ ଶିକ୍ଷକମାନଙ୍କ ଦବ୍‌ଦବା ଗାଁ ମାନଙ୍କରେ ଥିଲା । ଟାଟା କମ୍ପାନୀ ବା ରେଳବାଇରେ କାମ କରୁଥିବା ବ୍ୟକ୍ତି ମାନଙ୍କଠାରୁ ଆସୁଥିବା, ଚିଠିପତ୍ର, ଟେଲିଗ୍ରାମ ଓ ଟଙ୍କା ଆଦି ତାଙ୍କ ଘରୁ ଆଣି ଗ୍ରାହକମାନଙ୍କୁ ଦେଇ ଆଶୀର୍ବାଦ ପାଉଥିଲେ । ଆଉମଧ୍ୟ ରାଜନୈତିକ ବ୍ୟକ୍ତିମାନଙ୍କ, ଲୋକ ସଂପର୍କ ସମ୍ପନ୍ଧେ ବିବରଣୀ ନେଇ କିଛି ପରିମାଣରେ ମାମଲତକାର ଭୂମିକା ନିର୍ବାହ କରୁଥିଲେ ।

ଦେଶ ସ୍ୱାଧୀନ ହେଲା । ବ୍ୟବସ୍ଥା, ଆଚରଣ ଓ ଉଚ୍ଚାରଣରେ ବହୁତ ପରିବର୍ତ୍ତନ ସଂଘଟିତ ହେଲା । ସ୍କୁଲସବୁ ଛତୁଫୁଟିବା ପରି ବିକଶିତ ଲାଭ କଲା । ବିଂଶ ଶତାବ୍ଦୀ ହେଉଛି ଆନ୍ଦୋଳନର ସୁଫଳ ପ୍ରାପ୍ତିର ଉଜ୍ଜ୍ୱଳ ସମୟ । ଏହି କାଳର ଦ୍ୱିତୀୟାର୍ଦ୍ଧରେ ଯେଉଁ ପିଲାମାନେ ଭଲ ବିଦ୍ୟାଧ୍ୟୟନ କଲେ, ସେମାନେ ଡାକ୍ତରୀ ଓ ଇଞ୍ଜିନିୟରିଂ ବିଦ୍ୟାକୁ ଆଗ୍ରହ ପ୍ରକାଶ କରି, ଦେଶକୁ ବହୁତ କୁଶଳୀ ଡାକ୍ତର ଓ ଇଞ୍ଜିନିୟର ଦାନ କରିଗଲେ । କିନ୍ତୁ ଏହି ଶତାବ୍ଦୀରେ ଚକ ଘୁରିଯାଇଛି । ବର୍ତ୍ତମାନ ପିଲାମାନେ ଡାକ୍ତରୀ ଆଦି ବିଦ୍ୟା ଛାଡି ସିଭିଲ୍ ସର୍ଭିସ ମୁହାଁ ହେଲେଣି । ପ୍ରକାରନ୍ତରେ ଚାକିରୀ ସଂଖ୍ୟା ଦେଶ ଓ ବିଦେଶରେ ବୃଦ୍ଧି ଫଳରେ ଆମ ପୁରାତନ ଐତିହ୍ୟ ଭରା ରାଜ୍ୟରେ ଧୀଶକ୍ତ ଚାଲାଣ ହୋଇ ଆମେରିକା ଆଦି ରାଜ୍ୟକୁ ପରିପୁଷ୍ଟ କଲେଣି । ଯାହା ଫଳରେ ଆମ ରାଜ୍ୟର ଗାଁରେ ଥିବା କୃଷି ଭିତ୍ତିକ ଜମି ସବୁ ହସ୍ତାନ୍ତରିତ ହୋଇ, ଗାଁ ଗଣ୍ଡାର ଗରୀବ ଶ୍ରେଣୀର ଉନ୍ନତି ପରିଲକ୍ଷିତ ହେଲାଣି । ଚାକିରି ବାଦେ ପିଲାମାନେ ଗାଁ ଛାଡି ବିଦେଶରେ ଘର କଲେଣି । ଗାଁ ଗଣ୍ଡାର ମୂଲିଆ, ନୂଆ ବିଦେଶୀଙ୍କ ଜମିବାଡି କିଣି ଉନ୍ନତ ହେଲେଣି ଓ ସରକାରଙ୍କ ମାଗଣା ଆଦି ଦ୍ରବ୍ୟ ଲାଭକରି ଅନେକ ମାଲେମାଲ ହେଲେଣି । ଲାଭ ସ୍ୱରୂପ ଗାଁର ଯୁବକମାନେ ପଇସାଧିକ ହେତୁ ନିଶାଗ୍ରସ୍ତ ହେଇଯାଉଛନ୍ତି । ଅବଶ୍ୟ ଆମ ରାଜ୍ୟରେ ନୂତନ ସରକାର ପ୍ରାଚୁର୍ଯ୍ୟପୂର୍ଣ୍ଣ ମାଟିର ସତ୍ ଉପଯୋଗ କରି ଉନ୍ନତି ପଥରେ ଆଗେଇ ଯିବାର ଭରସା ଦେଉଛନ୍ତି । ଦେଖିବା ଅଗ୍ରେ କିଂ ଭବତି !

ଶୁଭାୟ ମସ୍ତୁ"

# କଥା ଛୋଟ ବିଚାର ମୋଟ



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬


ସତ କହିବା ପାଇଁ କଥା ରଖିବା, ଅନ୍ୟକୁ ସତ ଉପଦେଶ ଦେବା ହୋଇପାରେ ସାଧାରଣ ତଥା ଛୋଟ କଥା । ହେଲେ ସବୁଠି ସବୁବେଳେ ସତ କହିବା ପାଇଁ ବିଚାର ରଖି ସତ କହିବା ଯେମିତି ଅନନ୍ୟ ସେମିତି ମୋଟ କଥାଟିଏ । ଯାହାକିଛି କଥାକୁ କହି ଦେବା ଯେତେ ସହଜ, ସେତିକି ସହଜ ନ ଥାଏ କହିଥିବା କଥାକୁ କାମରେ ରୂପାନ୍ତରିତ କରିବା । କଥା ପାଳିବା ଛୋଟ କଥା ନ ଥାଏ । ନିଶ୍ଚିତ ଭାବେ ମୋଟ କଥାଟିଏ । କହିଥିବା କଥା ପାଳି ନ ପାରିଲେ ତାହା ଫିଙ୍ଗାଫୋପଡ଼ା ପର୍ଯ୍ୟାୟଭୁକ୍ତ ହୋଇପାରେ । ଯେଉଁ କଥାକୁ ଛୋଟ ମନେକରାଯାଏ, ବରଂ ସେହି କଥା କାର୍ଯ୍ୟକୁ ରୂପାନ୍ତରିତ ହେଲେ ତହିଁରେ ମହାନତା ପ୍ରକାଶ ପାଏ ଏବଂ ତାହା ଛୋଟରୁ ମୋଟର ମାନ୍ୟତା ଲଭେ । ବଡ଼ ସଫଳତା ଆଖ୍ୟାୟିତ ହୁଏ । ସ୍ଥଳ ବିଶେଷରେ ଭଲ କଥା -କାମ -ଚିଜ -ଗୁଣ ଆଦିକୁ ପରୀକ୍ଷାର ସମ୍ମୁଖୀନ ହେବାକୁ ହୁଏ । ହେଲେ ସେଇ ଧାରା ମନ୍ଦ କଥା -କାମ -ଚିଜ -ଗୁଣ ପାଇଁ ପ୍ରାୟତଃ ଲାଗୁ ହୋଇନଥାଏ ଅର୍ଥାତ ପରୀକ୍ଷା କରାଯାଇନଥାଏ । ମନ୍ଦର ଗ୍ରହଣୀୟତା ବିନା ପରୀକ୍ଷାରେ ହୁଏ ।

ମଦ କଥା ଦେଖନ୍ତୁ । ମଦକୁ ଆନନ୍ଦ ମନରେ ଅନେକ ପୁଣି ପାନ କରନ୍ତି । ପାନ କରାଯାଏ ଏଠି ସେଠି ସବୁଠି । କ୍ଷୀରର ମାନ ପରୀକ୍ଷା କରାଯାଏ, ଅଥଚ ମଦର ମାନ କେଉଁଠି କେବେ ପରୀକ୍ଷା ହୁଏ କି ? ଭିଡ଼ଭାଡ଼ରେ ପରୀକ୍ଷା ହୁଏ କେଉଁଠି ଅଘଟଣଟେ ଘଟିଗଲେ । ମଦମୃତ୍ୟୁ ଘଟିଲେ । ବିଷ ମଦ ପିଇ କେଉଁଠି କିଏ ଅନ୍ଧ ହେଇଗଲେ । ନ ହେଲେ ନାହିଁ । କ୍ଷୀର ଅମୃତ ସମ । ତଥାପି ଗ୍ରାହକ ତା'ର ମାନ ପରୀକ୍ଷା କରେ । ସନ୍ତୁଷ୍ଟ ହେଲେ ରଖେ । ସନ୍ତୁଷ୍ଟ ନ ହେଲେ କ୍ଷୀରବାଲାକୁ ମନା କରେ ଗ୍ରାହକ ଆଉ ଦେବାକୁ । କ୍ଷୀର ପୁଣି ବୁଲି ବୁଲି ବିକ୍ରି ହୁଏ । ଡୋର ଡେଲିଭରି ଦିଏ କ୍ଷୀରବାଲା । ଇୟେ ଛୋଟ ନମୁନାଟେ ମାତ୍ର । ଅନେକ କ୍ଷେତ୍ରରେ ଭଲ କଥା ଅନେକଙ୍କୁ ଗନ୍ଧାଇଥାଏ । କ୍ଷୀର ପିଇବା ପାଇଁ ତ କିଏ ଡାକେ ନାହିଁ । କ୍ଷୀର ପିଇବା ପାଇଁ କିଏ ଡାକିଲେ ବି ଅନେକ ମନା କରିପାରନ୍ତି । ମଦ ପାଇଁ ଡାକିଲେ ବରଂ ତାହା ସୁଯୋଗର ମାନ୍ୟତା ପାଏ । ଆଉ ସୁଯୋଗ ହାତଛଡ଼ା କରିବାକୁ ମଦପ୍ରିୟ ଚାହାଁନ୍ତି କି ? ଆଦୌ ଚାହିଁନ ଥାନ୍ତି ଅନେକ । ବରଂ, ସେଇ ସୁଯୋଗର ଫାଇଦା ତତ୍କାଳ ଉଠାଇ ନିଆଯାଏ । କ୍ଷୀର କ୍ଷେତ୍ରରେ ତାହା କିନ୍ତୁ ହୁଏ ନାହିଁ । ମଦ ବସିକି ବିକାଗଲେ ବି ତାର ଚାହିଦା ଆକାଶଛୁଆଁ । ମଦ ବାକିରେ ମିଳେନି । କେଉଁ ଗଳିକନ୍ଦିରେ ବିକ୍ରି ହେଲେ ବି ଗ୍ରାହକ ସେଠି ପହଞ୍ଚି ଯାଆନ୍ତି । ବସିକି ମଦ ବିକ୍ରି ହୁଏ ନଗଦାନଗଦି । ମଦ ଦୋକାନୀ ପକେଟରେ ସବୁବେଳେ ପଇସା । କ୍ଷୀର ବୁଲିବୁଲି ବିକି ପୁଣି ମାସିକିଆ ପାଉଣା ନିଏ କ୍ଷୀରବାଲା ।

ଅନ୍ୟକୁ ସାହାଯ୍ୟ କରିବା, ଦାନ କରିବା, ଖାଇବାକୁ ଦେବା ଏମିତି କିଛି କରିବା ପାଇଁ ଚାହିଁବା ହୋଇପାରେ ଗୋଟେ ଗୋଟେ ଛୋଟ କଥା ଛୋଟ କାମ । ବସିକି ଏଇଟା କରିବି ସେଇଟା କରିବି ଖାଲି ସୁନ୍ଦର ସୁନ୍ଦର କଥା ଭାବି ଦେଲେ, ଭାବନାରେ ସେ କଥା ରଖିଲେ ତାର ଅର୍ଥ କିଛି ନ ଥାଏ । ତାକୁ କାର୍ଯ୍ୟରେ ପରିଣତ କଲେ ଯାଇ ତାହାର ମାନେ ରହେ । ବେଶ ଅର୍ଥପୂର୍ଣ୍ଣ ମନେହୁଏ ପ୍ରକୃତ କରଣୀୟ କାର୍ଯ୍ୟ । ଜଣେ ଯଦି ସବୁବେଳେ କହିବ ମୁଁ ଅନ୍ୟକୁ ଅନେକ କିଛି ଦେବାକୁ ଚାହେଁ ଯେ ଦେଇପାରେନି । ସାହାଯ୍ୟ କରିବାକୁ ଚାହିଁଲେ ବି କରିପାରେନି । ଏ କଥା ଭାବିବା /କହିବା ମୂଲ୍ୟହୀନ । ଅନେକ ଲୋକ ଏମିତି କହନ୍ତି, କିନ୍ତୁ କିଛି କରନ୍ତିନି, କିଛି କଥା ରଖନ୍ତି ନାହିଁ । ଅନେକ ରାଜନୈତିକ ଦଳର କିଛି ପ୍ରତିଶ୍ରୁତି ପାଣିରେ ଗାର ଟାଣିବା ଭଳି ମନେହୁଏ କ୍ଷମତା ଗାଦିକୁ ଫେରିଲା ପରେ ବି । ମହାତ୍ମାଗାନ୍ଧୀ ନିଜ କାମ ନିଜେ କରୁଥିଲେ । ନିଜ ଲୁଗା ସଫା କରିବା, ଝାଡୁ ମାରିବା, ଅଇଁଠା ବାସନ ମାଜିବା, ନିଜ ପାଇଖାନା ସଫା କରିବା ଏସବୁ ଅନ୍ୟକୁ କରିବା ପାଇଁ କେବଳ କହୁ ନ ଥିଲେ, ଖୋଦ ନିଜେ କରୁଥିଲେ । ଉଚ୍ଚାରଣକୁ ଆଚରଣରେ ପରିଣତ କରି ଉଦାହରଣ ପାଲଟୁଥିଲେ । ନିଜ ଜୀବନକୁ ଏକ ସଫଳ ପ୍ରୟୋଗଶାଳା କରିଥିଲେ ଅନେକ ଭଲ କଥା -କାମକୁ ନିଜ ଜୀବନରେ ସତତ ପ୍ରୟୋଗ କରି । ପୁଣି ପ୍ରତି ମୁହୂର୍ତ୍ତରେ । ସେସବୁ ଭଲ କଥା -କାମର ଅନନ୍ୟ ଉଦାହରଣ ଥିଲେ ସତ୍ୟ ଓ ଅହିଂସାର ଆଜୀବନ ପୂଜାରୀ ବାପୁ ମହାତ୍ମା ।

ଆଜିର ଦିନରେ ପୁଣି କୁହାଳିଆ ଥାନ୍ତି ଅନେକ ଏଠି ସେଠି । ହେଲେ ଅସଲ କାମିକାଙ୍କ ଅଭାବ ଥାଏ ସବୁଠି । କରିବାବାଲା ହାତଗଣତି କେଇ ଜଣ ଥାଆନ୍ତି । ସେମାନେ ପୁଣି ଭଲ କାମ କଲେ ଅନ୍ୟର ଅସହିଷ୍ଣୁତାର ଶିକାର ହୁଅନ୍ତି । ଯେମିତି କିଛି ଲୋକ ଏଠି ଅଜବ ବିଚାର ରଖନ୍ତି ଏଇ କାମ ସେଇ କାମ ସେମାନେ ହିଁ କରିବେ । ଅନ୍ୟମାନେ ସେଇ ଭଲ କାମ କଲେ ଆପତ୍ତି ବି ଉଠାନ୍ତି ସ୍ଥାନେ ସ୍ଥାନେ କିଛି ଲୋକ । କେତେକଙ୍କ ନାହି ବି ଡେଇଁଥାଏ ଅନ୍ୟର ଭଲ କାମ ଦେଖିଲେ । ଯେଉଁମାନେ ନାଁକୁ ମଙ୍ଗୁଆଳ ଦେଖେଇ ହୁଅନ୍ତି ସେମାନେ ଅସଲକୁ ଥାନ୍ତି ନାଁ ବିକଳିଆ । ତାଙ୍କ ମାନସିକତା ଥାଏ କମ କରି ଅଧିକ ନାଁ ଗୋଟେଇବା । ତା'ସାଙ୍ଗକୁ ଫାଇଦା ବି ନେବେ । ନାଁ ନେବା ପାଇଁ ହାଉଯାଉ ହେଉଥିବା ଲୋକେ ଭଲ କାମର ବିଚାର କେବଳ ରଖନ୍ତି ଭାବନା ଆକାରେ । ଯାହା କରନ୍ତି ବ୍ୟକ୍ତିଗତ ଫାଇଦା ଲକ୍ଷ୍ୟରେ ହିଁ କରନ୍ତି । ଆଉ କିଛି ନିରଳସ ବ୍ୟକ୍ତି ପ୍ରକୃତ ଭଲ କାମ କରନ୍ତି ପ୍ରଚାର -ପ୍ରସାରଠୁ ନିଜକୁ ଦୂରେଇ ରଖି । ସେମାନଙ୍କୁ ଧନ୍ୟ କହିବାକୁ ହେବ । ଆଉ ଯିଏ ପ୍ରଶଂସା କାଙ୍ଗାଳ କାମଠୁ ନାଁ ଅଧିକ ନେବାର ମାନସିକତା ରଖନ୍ତି ତାଙ୍କୁ ଧିକ କହିବା ଅଯଥାର୍ଥ ହେବ ନାହିଁ । କଥା ଛୋଟ ଥାଉ ଚିନ୍ତା ନାହିଁ, ଉଚ୍ଚ ବିଚାର ରଖାଯାଉ । ବିଚାର ମୋଟ(ବଡ଼ )ରହିବାରେ ନିଶ୍ଚୟ ରହିବ ସୁନ୍ଦରତା ଓ ମହାନତା । କଥା ଆଉରି ସୁନ୍ଦର ମନେହେବ କଥାକୁ କାମରେ ପରିଣତ କରାଗଲେ ଓ ତହିଁରେ ପ୍ରକଟିତ ହେବ ଆଉରି ସୁନ୍ଦରତା ଓ ଅଧିକ ମହାନତା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୧

## ବୃହସ୍ପତିଙ୍କ ପୁତ୍ର 'କଚ' ସଞ୍ଜିବନୀ ବିଦ୍ୟା ହାସଲ କଲେ-୧



ବହୁ ପୁରାକାଳର କଥା । ଦେବତା ଓ ଅସୁରଙ୍କ ମଧ୍ୟରେ ଲମ୍ବା ଯୁଦ୍ଧ ହୋଇଥିଲା । ଉଦ୍ଦେଶ୍ୟ, କିଏ ତିନିଜଗତର ରାଜା ହେବ ! ଦେବତାମାନଙ୍କର ଗୁରୁଥିଲେ ବୃହସ୍ପତି । ତାଙ୍କର ବିଦ୍ୟାବୁଦ୍ଧି ବଳରେ ଦେବତାମାନେ ଶକ୍ତିଶାଳୀ ଥିଲେ । ଅନ୍ୟପକ୍ଷରେ ଅସୁରମାନଙ୍କ ଗୁରୁଥିଲେ ଶୁକ୍ରାଚାର୍ଯ୍ୟ । ଶୁକ୍ରାଚାର୍ଯ୍ୟଙ୍କ ପ୍ରଜ୍ଞା ଅସୁରମାନଙ୍କୁ ସାହାଯ୍ୟ କରୁଥିଲା । ଅଧିକନ୍ତୁ, ଶୁକ୍ରାଚାର୍ଯ୍ୟ ସଞ୍ଜିବନୀ ବିଦ୍ୟାର ଅଧିକାରୀ ଥିଲେ । ମୃତ ଅସୁରମାନଙ୍କୁ ସେ ବଞ୍ଚେଇ ଦେଉଥିଲେ । ସେଥିପାଇଁ ଅସୁରମାନେ ଅଧିକ ଶକ୍ତିଶାଳୀ ହୋଇଉଠିଲେ । ଏବଂ ଦେବତାମାନେ ବାରମ୍ବାର ହାରୁଥିଲେ ।

ବୃହସ୍ପତିଙ୍କ ପୁଅ କଚ । ତାଙ୍କ ପାଖରେ ପହଞ୍ଚିଲେ ଦେବଗଣ । ତାଙ୍କର ସାହାଯ୍ୟ ମାଗିଲେ । କଥାହେଲା, ଶୁକ୍ରାଚାର୍ଯ୍ୟଙ୍କ ନିକଟକୁ କଚ ଯିବେ ଓ ଏବଂ ତାଙ୍କର ଶିଷ୍ୟତ୍ୱ ପାଇଁ ଅନୁରୋଧ କରିବେ । ଥରେ ଶିଷ୍ୟ ହୋଇଯିବା ପରେ କୌଣସି ଉପାୟରେ ତାଙ୍କଠୁ ସଞ୍ଜିବନୀ ବିଦ୍ୟା ହାସଲ କରିବେ । ତା'ପରେ ଫେରିଆସିବେ ।

ଦେବତାମାନଙ୍କ ଅନୁରୋଧ ରକ୍ଷାକଲେ କଚ । ସେ ଚାଲିଲେ, ଅସୁରମାନଙ୍କର ରାଜା ବୃଷପର୍ବାଙ୍କ ରାଜଧାନୀକୁ । ସେଠି ରହୁଥିଲେ ଶୁକ୍ରାଚାର୍ଯ୍ୟ ।

ଶୁକ୍ରାଚାର୍ଯ୍ୟଙ୍କୁ ଭେଟି କଚ ସମ୍ମାନ ପ୍ରଦର୍ଶନ କଲେ । କହିଲେ- ମୁଁ ଅଙ୍ଗିରସଙ୍କ ନାତି ଓ ବୃହସ୍ପତିଙ୍କ ପୁତ୍ର କଚ । ମହାଶୟଙ୍କ ନିକଟକୁ ଆସିଛି ବିଦ୍ୟାଶିକ୍ଷା କରିବାକୁ । ମୋତେ ଶିଷ୍ୟ ରୂପେ ଗ୍ରହଣ କରନ୍ତୁ !

ବୃହସ୍ପତିଙ୍କ ପୁତ୍ର ! କୁଳୀନ ବଂଶର ଉତ୍ତରାଧିକାରୀ ! ଶିଷ୍ୟ ହେବା ପାଇଁ ଯୋଗ୍ୟ । ତା'ଛଡ଼ା ବୃହସ୍ପତି ମୋର ପ୍ରତିଦ୍ୱନ୍ଦ୍ୱୀ । ପ୍ରତିଦ୍ୱନ୍ଦ୍ୱୀଙ୍କ ପୁତ୍ରକୁ ଶିକ୍ଷାଦେବା ଦ୍ୱାରା ବିଜ୍ଞ ବୃହସ୍ପତିଙ୍କୁ ସମ୍ମାନ ଜଣେଇହେବ ।

କହିଲେ ଶୁକ୍ରାଚାର୍ଯ୍ୟ- ତୁମେ ମହାଜ୍ଞାନୀ ବୃହସ୍ପତିଙ୍କ ପୁତ୍ର । ପିତାଙ୍କୁ ମୋର ସମ୍ମାନ ଜଣେଇବ । ତୁମକୁ ଶିଷ୍ୟ ରୂପ ଗ୍ରହଣ କଲି । ତୁମେ ଆଶ୍ରମରେ ରୁହ ।

କଚ ଅନେକବର୍ଷ ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମରେ ରହିଲେ । ଗୁରୁଙ୍କ ପ୍ରତି ଭକ୍ତି ସେବା ଓ ସମ୍ମାନରେ ଛଳନା ନଥିଲା । ସେ ଗୁରୁଙ୍କର ପ୍ରିୟ ହୋଇଉଠିଲେ ।

ଶୁକ୍ରାଚାର୍ଯ୍ୟଙ୍କର ଗୋଟିଏ ବୋଲି ଝିଅ । ନାଁ ଦେବଜାନୀ । ଆଚାର୍ଯ୍ୟଙ୍କର ପ୍ରାଣ ଦେବଜାନୀ । କଚ ଖୁବ୍‌ଶୀଘ୍ର ଦେବଜାନୀଙ୍କର ପ୍ରିୟ ହୋଇ ଉଠିଲେ । ସେ ଦେବଜାନୀଙ୍କୁ ସଂଗୀତ, ନାଚ ଓ ବିଭିନ୍ନ ଖେଳ ଶିଖେଇ ତାଙ୍କର ଆପଣାର ହୋଇଉଠିଲେ । କଚ ଥିଲେ ବ୍ରହ୍ମଚାରୀ । ବ୍ରହ୍ମଚର୍ଯ୍ୟରେ ଯେମିତି ବ୍ୟାଘାତ ସୃଷ୍ଟି ନହୁଏ, ସେ ସତର୍କ ଥିଲେ ।

ଇତିମଧ୍ୟରେ ଅସୁରଗଣ ଜାଣିପାରିଲେ କଚଙ୍କ ପ୍ରସଙ୍ଗ । ସେମାନେ ସନ୍ଦେହ କରିବା ସ୍ୱାଭାବିକ୍ । ଯେତେହେଲେ ଶତ୍ରୁଙ୍କର ପୁଅ । ସଞ୍ଜିବନୀ ମନ୍ତ୍ର ଠକିନେବାକୁ ଆସିଛି । ସେମାନେ ଠିକ୍ କଲେ କଚକୁ କେମିତି ଦୂରେଇ ଦେବେ । ସେଇ ଯୋଜନାରେ ରହିଲେ । (କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮



# ଏ ତ ମାର୍ଗଶିର ମାସ

ନିରଞ୍ଜନ ସାହୁ

ମାର୍ଗଶିର ମାସ ଶୀତ ସକାଳ
ଚାଷୀ ଭାଇ ଖାଇ ପେଟେ ପଖାଳ
ଧାନ କଟିବାକୁ ଯାଏ
କାକର ଭିଜା ଏ ଶୀତ ସକାଳରେ
ଶୀତକୁ ଡର ନଥାଏ

ମାର୍ଗଶିର ମାସ ମଧ୍ୟାହ୍ନ କାଳ
ଖାଇକି ଅଳସ ମାରିବା ଟାଳ
ରହିଛି ଅନେକ କାମ
ସନ୍ଧ୍ୟା ନ ହେଉଣୁ କାମ ନ ସାରିଲେ
ଭଲକି ନେବଟି ନାମ

ମାର୍ଗଶିର ମାସ ସଞ୍ଜୁଆ ବେଳ
ଦୋକାନ ବଜାରେ ନ ଜମେ ମେଳ
ଥଣ୍ଡା ପଡ଼ି ପଡ଼ି ଆସେ
ଶୀତବସ୍ତ୍ରମାନ ଖୋଜା ପଡ଼ିଥାଏ
ମନ ଥାଏ ଚାହା ପାଶେ

ମାର୍ଗଶିର ମାସ ରାତି ପାହାନ୍ତି
ଚାଷୀଙ୍କୁ ଖୋଜିଲେ ଘରେ ନାହାନ୍ତି
ଖଳାରେ ବେଙ୍ଗଳା ପଡ଼େ
କୁହୁଡି, କାକର ନ ଡରିକି ଚାଷୀ
ବିଲକୁ ସଅଳ ଗଡ଼େ

ମାର୍ଗଶିର ମାସ ଗୁରୁବାରରେ
ଲକ୍ଷ୍ମୀପାଦ ଝୋଟି ଘରଦ୍ୱାରରେ
ବିରାଜନ୍ତି ଲକ୍ଷ୍ମୀମାତା
ସାରା ଜଗତର ପାଳନକର୍ତ୍ତା ସେ
ଜଗତର ପଡିଦାତା

ମାର୍ଗଶିର ମାସ ଦିନଟା ସାନ
ତରବର ହୋଇ କାମରେ ଧ୍ୟାନ
ଏମିତି ଯିଏ ସେ କରେ
ସାରା ଜଗତକୁ ଜିତିପାରେ ସିଏ
କାମକୁ କେବେ ନ ଡରେ

ମାର୍ଗଶିର ପରି ମାସଟେ କାହିଁ
ଖାଦ୍ୟର ଅଭାବ କାହାର ନାହିଁ
ବରଷର ଶ୍ରେଷ୍ଠ ମାସ
କ୍ଷେତରେ, ଖଳାରେ, ଅମାରରେ ଧାନ
ମହମହ କରେ ବାସ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ-୯୯୩୮୭୪୧୫୮୩

# ବୋଉ କରେ ଲକ୍ଷ୍ମୀପୂଜା

ପ୍ରଶାନ୍ତ କୁମାର ଦାଶ

ରାତିପାହିଯିବା ଆଗରୁ ଉଠି
ବୋଉ ଆଙ୍କିଦିଏ ଚିତା ଓ ଝୋଟି
ମହାଲକ୍ଷ୍ମୀଙ୍କର ପାଦଟି ଆଙ୍କେ
ମୁଣ୍ଡରେ ଲୁଗାର ଓଢ଼ଣା ଢାଙ୍କେ

ଫୁଲ ତୋଳିଆଣି ଗୁନ୍ଥଇ ହାର
ଭକତିରେ ଢାଳି ଲୁହର ଧାର
ପଦ୍ମଫୁଲ ଆଣି ମଥାରେ ଦିଏ
ମହାଲକ୍ଷ୍ମୀଙ୍କର ଆଶିଷ ନିଏ

ଅନ୍ନ ଡାଲି କ୍ଷୀରି ତିଆରେ ପିଠା
ମାଆଙ୍କର ଭୋଗ ଲାଗଇ ମିଠା
ଧୂପ ଦୀପ ଦେଇ କରଇ ପୂଜା
ଘରେ ଚାଲିଥାଏ ମଉଜ ମଜା

ଦେଖି ଶୁଭବେଳା ବଢିଆ ଯୋଗ
ପୂଜା ପାଇଁ ବଢ଼େ ମାଆଙ୍କ ଭୋଗ
ଭୋଗଖାଇ ଘରେ ସଭିଏଁ ଖୁସି
କ୍ଷୀରିଖାଇ ଖୁସି ହୁଅଇ ଲୁସି

ମହାଲକ୍ଷ୍ମୀଙ୍କର ମହିମା ଗୀତ
ପଢ଼ିଯାଏ ବୋଉ ହରଷ ଚିତ୍ତ
ମାଆଙ୍କୁ ମେଲାଣି ଦିଅଇ ବୋଉ
ଝରୁଥାଏ ଓଠୁ ହସର ମହୁ ।

କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ
ମୋ-୯୭୬୮୮୨୨୧୯୦



# ଗୁଡ଼ିଆ ହୋଇବ ଉତ୍ତମ ଛାତ୍ର

ସୁରମା ମିଶ୍ର



ଗୁଡ଼ିଆ ଆମର ରଷି ଶୋଇଛି
କାନ୍ଦି କାନ୍ଦି ଆଖି ଫୁଲି ଯାଇଛି
ସକାଳ ପହରୁ ଖାଇନି କିଛି
ଚାନ୍ଦ ମୁହଁଟି ତା ଶୁଖି ଯାଇଛି

ବାପା ତାକୁ ନେଲେନାହିଁ ବୁଲାଇ
ସେଥିପାଇଁ ରାଗି ଶୋଇଛି ଯାଇ

ଆଈ ଆସି ତାକୁ କୋଳେ ଧରିଲେ
ମନ ଭରି କେତେ ଗେଲ ସେ କଲେ

କହିଲେ ଗୁଡ଼ିଆ ଉଠ ଲୋ ଉଠ
ଭୋକେ ହେଉଛୁ କିଆଁ ଛଟପଟ
ଆ ଲୋ ତତେ ମୁଁ ଖୁଆଇ ଦେବି
ଖାଇ ସାରିଲେ ତୁ ବୁଲାଇ ନେବି

ଚାଲିଛି ଲୋ ଏବେ ପୁସ୍ତକ ମେଳା
ଚାଲ ବେଗି ଯିବା ନକରି ହେଳା
ଭଲ ଭଲ ବହି କିଣି ଆଣିବୁ
ମନ ଦେଇ ତାକୁ ସଦା ପଢ଼ିବୁ

କେତେ ଜ୍ଞାନ ତୁ ପାଇବୁ ତା ଠାରୁ
କେବେ ଭୁଲି ଯିବୁ ନାହିଁ ମନରୁ
ବହିଟି ତ ଅଟେ ପରମ ସାଥୀ
ତା ସାଥେ ଯିବ ତୋ ସମୟ ବିତି

ଆଉ ଅବୁଝା ତୁ ହୋଇବୁ ନାହିଁ
ପଢ଼ାରେ ମନଟା ଦେବୁ ଲଗାଇ
ସବୁ କଥାକୁ ପଛରେ ପକାଇ
ପାଠ ପଢ଼ାରେ ତୁ ଯିବୁ ଆଗେଇ

ସଭିଏଁ କହିବେ ବାଃ ରେ ବାଃ
କେଡେ ସୁନା ପିଲା ଆମ ଗୁଡ଼ିଆ
ମନ ଦେଇ ଏବେ ପଢୁଛି ପାଠ
ହୋଇବ ଦିନେ ସେ ଉତ୍ତମ ଛାତ୍ର ।

ବି ଏଲ ୩୯, ଭି ଏସ ଏସ
ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫



# ଅତିଥି ପରା ଦିଅଁ ସମାନ

ମହେନ୍ଦ୍ର କୁମାର ଘଡ଼େଇ

ନୀଳ ଜଳର ଲହଡ଼ି ଖେଳେ
ନୀଳ ଆକାଶ ତଳେ
ନନ୍ଦନବନ ପରିକା ସୁଖ
କୂଳ ତାହାରି ତୋଳେ
ଚିଲିକା ନଳବଣ ବାଲୁଗାଁ
ଦିଶେ କି ମନୋହର
ଦେଶୀ ବିଦେଶୀ ପକ୍ଷୀଙ୍କ ପାଇଁ
ସାଜିଛି ଖୋଲା ଘର
ରମ୍ଭା ଟାଙ୍ଗୀରୁ ନୂଆପଡ଼ାଟି
ଡାକ ଦେଇଛି ଆଜି
କୋଉ ରାଇଜ କୋଉ ଦରିଆ
ଅତିଥି ଖୋଜି ଖୋଜି
ହିମପ୍ରବାହ ହେମାଳ ଜାଡ଼
ଆଣିଲା ଅନାହାର
ଭୋକ ଦାଉରେ ପିଲା ଛୁଆଙ୍କ
ଜୀବନ ଗଲା କା'ର
ସାଇବେରିଆ କାଜାଖସ୍ତାନ
ରୁଷିଆ ମଙ୍ଗୋଲିଆ
ନାଇଜେରିଆ ଇରାନ ଶୀତ
ଥରାଏ ପକ୍ଷୀ ହିଆ
ପେଟର ଭୋକ ଶୋଷ ସଜାଇ
ଦେଲାରେ ଯାଯାବର
ଦୁନିଆ ଘୂରି ବୁଲି ଆସିଲେ
ବୁହାଇ ଲୁହଧାର
ବିକଳ ମନ ପରାଣ ଦେଖି
ନପାରି ଦେଉ ସଜା
ନିରିଦୟରେ ଶୀକାର କରି
ଭୋଜିରେ ମାରୁ ମଜା
ଅତିଥି ପରା ଦିଅଁ ସମାନ
କହେ ଚଳଣି ଆମ
ତାକୁ ଭୁଲିଲେ ମାରକ ଦଶା
ଦେବରେ କାଳଯମ ।

କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ-୯୪୩୭୭୪୦୫୬୬

# ବସ୍ତି ପିଲା ବୋଲି ଭାବନାହିଁ

ନଳିନୀ ଦାଶ



ବସ୍ତି ପିଲା ବୋଲି ଭାବନାହିଁ କେହି
ଦେଖନାହିଁ ମତେ ହୀନ
ବାପା ମାଆ ମୋର ଦିନମଜୁରିଆ
ଦୁଃଖରେ କାଟନ୍ତି ଦିନ
ଦିନ ରାତି ଖଟି ପେଟ ପାଇଁ ନିତି
ଯୋଗାଡ଼ନ୍ତି ମୁଠେ ଦାନା
ସହରକୁ ଯାଇ ମାଗି ଆଣିଥାନ୍ତି
ପିନ୍ଧିବାକୁ ଖଣ୍ଡେ କନା
ସାଙ୍ଗମାନେ ମୋର ପାଠ ପଢ଼ି ଗଲେ
ଦୁଆରେ ବସେ ମୁଁ ଚାହିଁ
ଲୁହ ଢ଼ାଳି ଭାବେ ପାଠ ପଢ଼ିବାକୁ
ଭାଗ୍ୟରେ କି ମୋର ନାହିଁ
ସରକାରଙ୍କର ଅନୁଦାନେ ଯାଇ
ବିଦ୍ୟାଳୟରେ ପଢିବି
ପରିଶ୍ରମ କରି ଶିକ୍ଷିତ ହୋଇବି
ମୋ ଭବିଷ୍ୟତ ଗଢ଼ିବି
ଭଲ ପାଠ ପଢ଼ି ଯଶ ଅରଜିବି
ହୋଇ ଯିବି ଯେବେ ବଡ଼
ସବୁରି ମୁଖରେ ହସ ଫୁଟାଇବି
ଜିଣିଯିବି ଦିନେ ଗଡ଼
ମୋର ଉପାର୍ଜନେ ଧର୍ମ କାମକରି
ଉନ୍ନତି କରିବି ଗାଁର
ସବୁରି ଦୁଃଖର ସାଥି ହୋଇଥିବି
ଅଭାବ କରିବି ଦୂର ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯

# ଓଡ଼ିଆ ଜାତିର ମାଆ

ପ୍ରଦୀପ୍ତ କୁମାର ଦାସ

ପୂଜ୍ୟା ରମାଦେବୀ ଚୌଧୁରୀ ଥିଲେ ତ
ଓଡ଼ିଆ ଜାତିର ମାଆ -
ମୁକ୍ତି ସଂଗ୍ରାମର ବଢ଼ିଲା ନଈରେ
ସାଜିଥିଲେ ନିଜେ ନାଆ,
ଗୋପାଳ ବଲ୍ଲଭ ଦାସ ଥିଲେ ପିତା
ବସନ୍ତ କୁମାରୀ ମାତା -
ଉଭୟଙ୍କ କୋଳେ କରି ଲୀଳା ଖେଳା
ଦେଇଥିଲେ ଶାନ୍ତି ବାର୍ତ୍ତା,
ଅଠରଶ ଅନେଶ୍ୱତ ଡ଼ିସେମ୍ବର
ତିନି ତାରିଖରେ ସେତ -
କଟକ ଜିଲ୍ଲାର ସତ୍ୟଭାମାପୁରେ
ଜନ୍ମିଥିଲେ ଧରି ନେତ,
ଉତ୍କଳଗୌରବ ମଧୁସୂଦନ ଯେ
ଥିଲେ ତାଙ୍କ ବଡ଼ବାପା -
ସାରା ରାଇଜରେ ଥିଲେ ଜଣାଶୁଣା
ତାଙ୍କ କଲେକ୍ଟର ବାପା,
ଓଡ଼ିଆ ସଂସ୍କୃତ ହିନ୍ଦୀ ବଙ୍ଗଳାଦି
ଭାଷାକୁ ଆୟତ୍ତ କରି -
ଘରୋଇ ଭାବରେ ପଢ଼ି ମନଦେଇ
ହୃଦେ ଥିଲେ ଜ୍ଞାନ ଭରି,
ଗୋପବନ୍ଧୁ ଚଉଧୁରୀ ବାବୁ ଥିଲେ
ତାଙ୍କର ସୁଯୋଗ୍ୟ ପତି -
ଦୁହିତା ସାଜିଣ ଦୁଇକୁଳ ହିତେ
ବଳାଇ ଥିଲେ ସେ ମତି -
ତାଙ୍କରି କୋଳରେ ଜାତ ହୋଇଥିଲେ
ଅନ୍ନପୂର୍ଣ୍ଣା ମନ୍ମୋହନ -
ସୁକନ୍ୟା ସୁପୁତ୍ର ଭାବେ ଦୁଇଜଣ
ଥିଲେ ତାଙ୍କ ପ୍ରାଣଧନ,
ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରମା -
ଦେବୀ ହୋଇ ପ୍ରଭାବିତ -
ମୁକ୍ତି ସଂଗ୍ରାମର ପବିତ୍ର ପଥରେ
ହେଉଥିଲେ ପ୍ରଧାବିତ,
ବହୁ ଦାମୀ ତିଜ ସାଥେ ଦୁଇଶହ
ଭରି ସ୍ୱର୍ଣ୍ଣ ଅଳଙ୍କାର -
ଗାନ୍ଧୀଙ୍କ ସ୍ୱରାଜ ପାଣ୍ଠି ପାଇଁ ସେଯେ
ଦେଇଥିଲେ ଉପହାର,
ଶସ୍ତା ଦେଶୀ ଶାଢ଼ି ପିନ୍ଧି ଶରଧାରେ
ମାତିଥିଲେ ସଂଗ୍ରାମରେ -
ବିଦେଶୀ ଜିନିଷ ବରଜନ ପାଇଁ
କହୁଥିଲେ ଘରେ ଘରେ -
ଆଇନ ଅମାନ୍ୟ ଆନ୍ଦୋଳନ ଅବା
ଲବଣ ସତ୍ୟାଗ୍ରହ -
ସବୁଥିରେ ଥିଲେ ସିଏତ ସଂପୃକ୍ତ
ରଖିଥିଲେ ତ ଆଗ୍ରହ,
ଗାନ୍ଧୀଙ୍କର ହିନ୍ଦୀ ଭାଷଣ ଶୁଣିକି
କହୁଥିଲେ ଓଡ଼ିଆରେ -
ଆଶ୍ରମ ସ୍ଥାପନ କରିଥିଲେ ଗୋଟେ
ସେ ସମୟେ ବରୀ ଠାରେ,
ଭୂଦାନ ଯଜ୍ଞଟି ସଫଳତା ଲାଭ
କରିଥିଲା ତାଙ୍କ ଲାଗି -
ଦେଶ ଜାତି ହିତେ ନିଜ ଚିନ୍ତା ଭୁଲି
ସାଜିଥିଲା ଶ୍ରେଷ୍ଠ ତ୍ୟାଗୀ,
ଚୀନ ଭାରତର ସମର ସମୟେ
ଯବାନଙ୍କ ସେବା କରି -
ମୁମୂର୍ଷୁ ମାନଙ୍କୁ ବଞ୍ଚାଇ ଥିଲେ ସେ
ଅନ୍ତରେ ମମତା ଭରି,
ଭାରତୀୟ ଗଣତନ୍ତ୍ରର ସମ୍ମାନ
ରକ୍ଷା କରିବାର ପାଇଁ -
ସଂଗ୍ରାମୀ ନାରୀ ନେତିରୀ ଭାବରେ
ଯାଇଥିଲେ ସେତ ଧାଇଁ -
ଆଦର୍ଶ ସ୍ଥାନୀୟା ନାରୀ ଭାବେ ଅଗ୍ର-
ଗଣ୍ୟା ଥିଲେ ରମାଦେବୀ -
ସଭିଏଁ କହନ୍ତି ସାରା ଓଡ଼ିଶାରେ
ସେ ସଚ୍ଚା ସମାଜସେବୀ ।

ଅଧ୍ୟାପକ, କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର
ମୋ- ୯୪୩୭୮୫୪୧୭୫



# ଶୀତର ପରଶେ

ଧ୍ରୁବ ଚରଣ ଘିବେଲା

ଶୀତର ପରଶେ
ଫୁଲ ଫୁଟି ହସେ
ଘରବାଡ଼ି ବଗିଚାରେ
ଶୀତର ଛୁଆଁରେ
ଫୁଲ ବାସ ଝରେ
ମହକେ ଆସପାଶରେ
ଶୀତର ପରଶେ
ପ୍ରଜାପତି ହସେ
ଆସି ଭ୍ରମେ ଫୁଲ କତି
ରଙ୍ଗ ମହକରେ
ପ୍ରଜାପତି ଘୁରେ
(ଫୁଲ)ରୂପ ରଙ୍ଗ ପ୍ରେମେ ମାତି
ଶୀତର ପରଶେ
ସୂର୍ଯ୍ୟମୁଖୀ ହସେ
ହଳଦୀ ରଙ୍ଗକୁ ମାଖି
କାକର ପାଣିରେ
ରାତିରେ ବତୁରେ
ସୁନ୍ଦରୀ ସେ ସୂର୍ଯ୍ୟମୁଖୀ
ଶୀତର ପରଶେ
ସୋରିଷ ବି ହସେ
ହଳଦୀପାଟକୁ ନାଇ
ଶୋହେ ସେ କ୍ଷେତରେ
ମାଳ ଢଙ୍ଗରରେ
ଶୀତ ଗୀତ ଗାଇ ଗାଇ
ଶୀତର ପରଶେ
ଫଳମୂଳ ହସେ
ଗଡ଼େ ହାଟ ବଜାରରେ
ଋତୁ ଅନୁସାରେ
ଫଳସବୁ ମିଳେ
ରୁଚି ନେଇ କେ ଆଦରେ
ଶୀତର ପରଶେ
ଧାନ କ୍ଷେତ ହସେ
ପାଚି ଆସି କ୍ଷେତେ ଧାନ
କୃଷକ ଖୁସିରେ
ଚାହେଁ କ୍ଷେତ ଆଡ଼େ
ଦେଇ ପୂରା ମନ ଧ୍ୟାନ
ଶୀତର ପରଶେ
ଏ ଜଗତ ହସେ
ହସି ଉଠନ୍ତି ସଭିଏଁ
ସୂରୁଯ ହସିଲେ
ସୁନା କିରଣରେ
ଝଲସେ ଜଗତ ଛାଏଁ
ଶୀତର ପରଶେ
ମଗୁଶିର ହସେ
ଗୁରୁବାରେ ବସେ ମାଣ
ହୁଏ ଘରେ ଘରେ
ପ୍ରତି ଗୁରୁବାରେ
ମାଆ ଲକ୍ଷ୍ମୀଙ୍କ ପୂଜନ ।

ବଉଦରାଜ, ଜି-ବୌଦ୍ଧ
ମୋ-୯୪୩୭୪୭୮୪୬୬



ସୁଧାଂଶୁ ଶେଖର ଦ୍ୱିବେଦୀ

# ଲୁଡୋ



ମୋ ସହିତ ଲୁଡୋ ଖେଳିବୁ ? ଈଶା ତା' ସାନ ଭାଇ ବଣ୍ଟିକୁ ପଚାରିଲା ।

ନା- ମୁଁ ମମ୍ମି ମୋବାଇଲ୍‌ରେ ଗେମ୍ ଖେଳୁଛି ।

ସହସା ତା' ମମ୍ମି ରୋଷେଇଘରୁ ତାଗିଦ୍ କଲେ-ଆରେ ତୁ କେତେ ସେ ମୋବାଇଲ୍‌ରେ ଖେଳିବୁ ? ସାରା ଦିନ ମୋବାଇଲ୍‌ରେ ଗେମ୍ ଖେଳି ବିତେଇ ଦେଉଛୁ । ସେଇଟା ରଖି ଯାଆ- ଦିଦି ସହିତ ଲୁଡୋ ଖେଳିବୁ ।

ମମ୍ମିର ତାଗିଦ୍‌ରେ ବଣ୍ଟିର ମନ ଖଟା ହେଇଗଲା । ଇଚ୍ଛା ନଥିଲେ ବି ଈଶା ସହିତ ଲୁଡୋ ଖେଳିବାକୁ ବସିଲା । ବଣ୍ଟି ଯେତେବେଳେ ଗୁଟି ଗଡାଏ ସବୁବେଳେ ୬ ପଡୁଥାଏ । ଖୁସିରେ ଚିତ୍କାର କରି ଈଶାକୁ ଚିଡ଼ାଏ । ଈଶା ବଣ୍ଟିର ଚାଲାକି କିଛି ବୁଝିପାରୁ ନଥାଏ । ସନ୍ଦେହ କରି ପଚାରିଲା- ଆରେ ! ତୋର ପ୍ରତିଥର ଏମିତି ୬ ପଡୁଛି କେମିତି ?

ଏ ଲାଲ ଗୁଟି ମୋର ଭାରି ଲକ୍କି । ବଣ୍ଟି ଏହା କହିବା ସହିତ ଗୁଟି ଗଡେଇଲା । ଏଥର ଈଶା ତାକୁ ପୂରା ଧ୍ୟାନରେ ଲକ୍ଷ୍ୟ କରିଥାଏ । ପ୍ରକୃତରେ ବଣ୍ଟିର ୨ ପଡିଥାଏ । ସଙ୍ଗେ ସଙ୍ଗେ ଗୁଟିକୁ ଓଲଟାଇ ୬ ପଟରେ ରଖିଦେଲା ।

ତୁ ସବୁବେଳେ ମୋ ସହିତ ଚାଲାକି କରୁଛୁ ଆଉ ମୁଁ ତୋ ସହିତ କେବେବି ଖେଳିବି ନାହିଁ । ଈଶା ରାଗରେ ବଣ୍ଟିକୁ ଦିଇ ପଦ ଶୁଣେଇ ନିଜ ଷ୍ଟଡି ରୁମ୍‌ରେ ବିସି ନିଜ ମନପସନ୍ଦ କାହାଣୀ ବହି ପଢିବାକୁ ଲାଗିଲା ।

ବଣ୍ଟି ତ ମଉକା ଖୋଜୁଥାଏ । ତୁରନ୍ତ ମମ୍ମିର ମୋବାଇଲ୍ ଧରି ଗେମ୍ ଖେଳିବାକୁ ଆରମ୍ଭ କଲା । ହଠାତ୍ କିଛି ସମୟ ପରେ ମୋବାଇଲ୍ ଡିସ୍‌ଚାର୍ଜ ହୋଇଯିବାରୁ ଚିତ୍କାର କଲା-ମମ୍ମି ! ଚାର୍ଜର କୋଉଠି ଅଛି ?

ଚାର୍ଜର କଣ ହେବ ? କରେଣ୍ଟ ନାହିଁ । ରାତି ୮ଟାରେ କରେଣ୍ଟ ଆସିବ । ତା' ମମ୍ମି ବାରଣ୍ଡାରେ ଥାଇ କହିଲେ ।

ମୋବାଇଲ୍‌ରେ ଚାର୍ଜ ସରିଯିବାରୁ ବଣ୍ଟିର ମନ ଖରାପ ହେଇଗଲା । ଗେମ୍ ଖେଳିବ ବୋଲି ମନେ ମନେ ମହୁ ଚାଟୁଥିଲା । ସେପଟେ ଈଶା ବି ତା' ସହିତ ଆଉ ଲୁଡୋ ଖେଳିବ ନାହିଁ ବୋଲି ମନା କରି ଦେଇଛି । କଣ କରିବ ନ କରିବ ଏହିପରି ଭାବନା ଭିତରେ ଲୁଡୋ ପଟା ଆଣି ନିଜେ ଏକା ଏକା ଖେଳିବାକୁ ଲାଗିଲା ।

ଏକାକୀ ଖେଳରେ ତା' ମନ ଲାଗୁନଥାଏ । ଧୀରେ ଧୀରେ ଈଶା ପାଖରେ ପହଞ୍ଚି କୋମଳ କଣ୍ଠରେ କହିଲା- ଦିଦି ! ଚାଲ ଲୁଡୋ ଖେଳିବା ।

ନା ମୁଁ ତୋ ସହ ଜମାରୁ ଖେଳିବି ନାହିଁ । ତୁ ଟା ପକ୍କା ଗୁଳିଆ । ଗୁଳେଇ ଗୁଳେଇ ପଏଣ୍ଟ ନେଉଛୁ ।

ସତ କହୁଛି ଦିଦି ! ଆଉ କେବେ ଗୁଳେଇବି ନାହିଁ । ପ୍ରମିଶ୍ କରୁଛି ।

ଇଲେକ୍ଟ୍ରିକ୍ ଆସିଗଲେ ମମ୍ମିର ମୋବାଇଲ୍ ଚାର୍ଜ ହେଇଯିବ ତୁ ଅଧା ଖେଳ ଛାଡି ମୋବାଇଲ୍ ଗେମ୍‌ରେ ଲାଗିପଡିବୁ ।

ପାଖରେ ବସିଥିବା ଦୁହିଙ୍କ ଜେଜେମା କହିଲେ-ଆରେ ବଣ୍ଟି !କାହିଁକି ସେ ନିଆଁଲଗା ଜିନିଷରେ ଦିନ ରାତି ଖେଳୁଛୁ। ମୋ ଆଖିରେ ଯେମିତି ମୋଟା ଚଷମା ଲାଗିଛି ସେମିତି ଚଷମା ଲଗେଇବୁ କି ? ଯେଉଁ ମଜା ଲୁଡୋ, କ୍ୟାରାମ୍, ଚେସ୍, କବାଡି, ଲୁଚାଲୁଚି ଖେଳ ଆଦିରେ ଅଛି ସେ ମଜା ଏ ନିଆଁଲଗା ମୋବାଇଲ୍‌ରେ କୋଉଠୁ ମିଳିବ !

ତୁ ସତ କହୁଛୁ ଜେଜେମା ! ମୋବାଇଲ୍ ଗେମ୍ ଖେଳିଲେ ତୋ ଭଳି ଚଷମା ମୋ ଆଖିରେ ବି ଲାଗିଯିବ ?

ସବୁବେଳେ ମୋବାଇଲ୍‌ର ତୀର୍ଯ୍ୟକ ରଶ୍ମିକୁ ଦେଖିଲେ ଖାଲି ଆଖି ଖରାପ ହେବନି ତା' ସହିତ କାନ୍ଧ ବିନ୍ଧା, ମୁଣ୍ଡ ବିନ୍ଧା ବି ହେବ । ଜେଜେମା କିଛି ମିଛ କହୁ ନାହାନ୍ତି । ତାଙ୍କ କଥା ମାନି ସେ ମୋବାଇଲ୍ ଗେମ୍ ନିଶା ଛାଡ଼ିଦେ । ମମ୍ମି ବାରଣ୍ଡାରୁ ଆସି କହିଲେ ।

ବଣ୍ଟି ତା ଜେଜେମା ଓ ମମ୍ମିର କଥାକୁ ବୁଝିଲା । ନିଜ କାନ ଧରି କହିଲା- ପ୍ରମିଶ କରୁଛି- ଆଉ କେବେ ମୋବାଇଲ୍ ଗେମ୍ ଖେଳିବି ନାହିଁ । ଦିଦି ! ଚାଲ ଲୁଡୋ ଖେଳିବା ।

ଈଶା କିଛି ନ କହି ଚାଲି ଯାଉଥାଏ । ବଣ୍ଟି କରୁଣ ଆଖିରେ ଈଶାକୁ ଦେଖିବାରୁ ସେ ହସି ହସି କହିଲା- ଲୁଡୋ ଆଣିବାକୁ ଯାଉଛି ।

ବିସି-୭୪, ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

# ସଚିନଙ୍କ ପୁଅ ଅର୍ଜୁନ ତେନ୍ଦୁଲକରଙ୍କୁ ପୁଣି ଝଟ୍କା

**ନୂଆଦିଲ୍ଲୀ**

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନଙ୍କୁ ପୁଣି ବଡ଼ ଝଟ୍କା ଲାଗିଛି। କ୍ରମାଗତ ଖରାପ ପ୍ରଦର୍ଶନ ପାଇଁ ତାଙ୍କୁ ପୁଣିଥରେ ଗୋଆ ଟିମ୍‌ରୁ ବାଦ୍ ଦିଆଯାଇଛି। ବର୍ତ୍ତମାନ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଅର୍ଜୁନ ଗୋଆ ଟିମ୍‌ର ଚୂଡ଼ାନ୍ତ ଏକାଦଶରେ ନିଜକୁ ସାମିଲ କରିବାକୁ ସମର୍ଥ ହୋଇପାରି ନାହାନ୍ତି।

ଗୋଆ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ପୂର୍ବ ମ୍ୟାଚ୍‌ରେ କେରଳକୁ ଭେଟିଥିବା ବେଳେ ଅର୍ଜୁନଙ୍କୁ ଏଥିରେ ସୁଯୋଗ ମିଳିନଥିଲା। ଲାଗୁଥିଲା ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ସେ ନଜର ଆସିବେ। ହେଲେ ବାମହାତୀ ଦ୍ରୁତ ବୋଲିଂ ଅଲରାଉଣ୍ଡର ଅର୍ଜୁନଙ୍କୁ ଗୋଆ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ରଖି ନାହିଁ। ନିକଟରେ ଅର୍ଜୁନ ତେନ୍ଦୁଲକରଙ୍କୁ ଆଇପିଏଲ ମେଗା ଅକ୍ସନ ବେଳେ ମୁମ୍ବାଇ ଇଣ୍ଡିଆନ୍ସ ବେସ୍ ପ୍ରାଇସ ୩୦ ଲକ୍ଷ ଟଙ୍କା ବଳରେ ନିଜ ସହ ସାମିଲ କରିଥିଲା। ହେଲେ ଟି-୨୦ ଫର୍ମାଟରେ ଖେଳା ଯାଉଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଅର୍ଜୁନ ସୁଯୋଗ ନ ପାଇବାରୁ ତାଙ୍କ ପାଇଁ ଶକ୍ତ ଝଟ୍କା ସଦୃଶ ହୋଇଛି।

ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଅର୍ଜୁନ ଗୋଆ ପାଇଁ ପ୍ରଥମ ମ୍ୟାଚ୍ ମୁମ୍ବାଇ ବିପକ୍ଷ ଖେଳିଥିଲେ। ଏହି ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ୪୮ ରନ ଦେଇଥିଲେ। ସେହପରି ବ୍ୟାଟିଂରେ କେବଳ ୯ ରନ କରିପାରି ଥିଲେ। ଗୋଆ ମଧ୍ୟ ବଡ଼ ପରାଜୟ ବରଣ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଜୁନ ସର୍ଭିସେସ ବିପକ୍ଷରେ ୩ ଓଭର ବୋଲିଂ କରି ୧୯ ରନ ଦେଇଥିଲେ। କିନ୍ତୁ ତାଙ୍କୁ ୱିକେଟ ମିଳି ନଥିଲା। ତୃତୀୟ ମ୍ୟାଚ୍‌ରେ ସେ ଆନ୍ଧ୍ର ବିପକ୍ଷରେ ୩.୪ ଓଭରରେ ୩୬ ରନ ଖର୍ଚ୍ଚ କରି ଗୋଟିଏ ବି ୱିକେଟ ପାଇ ନଥିଲେ।

୪ର୍ଥ ମ୍ୟାଚ୍ ଗୋଆ କେରଳ ବିପକ୍ଷରେ ଖେଳିଥିଲେ ହେଁ ପୁଣି ହାରିଥିଲା। ଅର୍ଜୁନ ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଖେଳୁ ନଥିବା ବେଳେ ଗୋଆ ୪ ୱିକେଟରେ ମ୍ୟାଚ୍ ଜିତିଛି। ଗୋଆ ସୟଦ ମୁସ୍ତାକ ଅଲୀ ଟ୍ରଫିର ପ୍ରଥମ ୪ଟି ଯାକ ମ୍ୟାଚ୍ ହାରିଥିବା ଗୋଆ ଆଜି ପ୍ରଥମଥର ବିଜୟ ସ୍ୱାଦ ଚାଖିଛି।

## ଏସିସି ଅଣ୍ଡର-୧୯ ଏସିଆ କପ୍

# ୟୁଏଇକୁ ୧୦ ୱିକେଟରେ ପରାସ୍ତ କରି ସେମିଫାଇନାଲରେ ଭାରତ

**ନୂଆଦିଲ୍ଲୀ**

ଏସିସି ଅଣ୍ଡର-୧୯ ଏସିଆ କପ୍ ସେମିଫାଇନାଲରେ ପ୍ରବେଶ କରିଛି ଭାରତ। ୟୁଏଇକୁ ୧୦ ୱିକେଟ୍‌ରେ ପରାସ୍ତ କରି ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍ ପର୍ଯ୍ୟାୟରେ ପାକିସ୍ତାନଠାରୁ ପ୍ରଥମ ମ୍ୟାଚ୍ ହାରିଥିବା ଭାରତ, ନିଜର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଜାପାନ ଏବଂ ୟୁଏଇକୁ ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଶାରଜାହ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ୟୁଏଇ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ୟୁଏଇ ଟିମ୍ ୪୪ ଓଭରରେ ୧୩୭ ରନ୍‌ରେ ସୀମିତ ହୋଇଥିଲା। ଭାରତ ପାଇଁ ୟୁଦ୍ଧଜିତ୍ ଗୁହା ସର୍ବାଧିକ ତିନି ୱିକେଟ୍



ନେଇଥିବା ବେଳେ ଚେତନ ଶର୍ମା ଏବଂ ହାର୍ଦ୍ଦିକ ରାଜ ଦୁଇଟି ଲେଖାଏଁ ୱିକେଟ୍ ନେଇଛନ୍ତି।

ୟୁଏଇର ୧୩୭ ରନ୍ ଜବାବରେ ଭାରତ ୧୬.୧ ଓଭରରେ ୧୪୩ ରନ୍ କରି ମ୍ୟାଚ୍ ନିଜ ନାଁରେ କରିଛି। ଭାରତ ପାଇଁ ମାତ୍ରେ ୬୭ ରନ୍ ଏବଂ ଚର୍ଚ୍ଚିତ ଯୁବ ବ୍ୟାଟର ସୂର୍ଯ୍ୟବଂଶୀ ୭୬ ରନ୍ କରିଛନ୍ତି। ଦୁଇ ଓପନର ଭାରତ ପାଇଁ ଜବରଦସ୍ତ ବ୍ୟାଟିଂ କରି ଟିମ୍‌କୁ ସହଜ ବିଜୟ ଦେଇଛନ୍ତି। ଗ୍ରୁପ୍ ଏ'ରୁ ଭାରତ ଏବଂ ପାକିସ୍ତାନ ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିଛନ୍ତି। ସେମିଫାଇନାଲରେ ଭାରତର ମୁକାବିଲା ଶ୍ରୀଲଙ୍କା ସହ ହେବ। ଦ୍ୱିତୀୟ ସେମିଫାଇନାଲରେ ବାଂଲାଦେଶ ଏବଂ ପାକିସ୍ତାନ ମୁହାଁମୁହିଁ ହେବେ। ଡିସେମ୍ବର ୬ରେ ଉଭୟ ସେମିଫାଇନାଲ ଖେଳାଯିବ।

ଶ୍ରୀଲଙ୍କା ଏବଂ ପାକିସ୍ତାନ ଟିମ୍ ଏବେ ସୁଦ୍ଧା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ଅଛନ୍ତି। ଶ୍ରୀଲଙ୍କା ଗ୍ରୁପ୍ ବି'ରେ ବାଂଲାଦେଶ, ନେପାଳ ଏବଂ ଆଫଗାନିସ୍ତାନକୁ ହରାଇଛି। ଗ୍ରୁପ୍ ବି'ରୁ ଶ୍ରୀଲଙ୍କା ଏବଂ ବାଂଲାଦେଶ ସେମିଫାଇନାଲ ପାଇଁ କ୍ୱାଲାଫାଏ କରିଛନ୍ତି। ଟିମ୍‌ଗୁଡ଼ିକର ପ୍ରଦର୍ଶନ ଦେଖିବାକୁ ଗଲେ ଭାରତ ଏବଂ ପାକିସ୍ତାନ ଫାଇନାଲ୍ ପାଇଁ ପ୍ରବଳ ଦାବିଦାର। ଡିସେମ୍ବର ୮ରେ ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡ଼ିୟମରେ ଫାଇନାଲ୍ ମୁକାବିଲା ଖେଳାଯିବ।

# ୱେଷ୍ଟଇଣ୍ଡିଜକୁ ୧୦୧ ରନରେ ପରାସ୍ତ କଲା ବାଂଲାଦେଶ

**ଆଣ୍ଟିଗୁଆ**



ୱେଷ୍ଟଇଣ୍ଡିଜରେ ବାଂଲାଦେଶ କ୍ରିକେଟ ଦଳ ଇତିହାସ ସୃଷ୍ଟି କରିଛି। ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ୱେଷ୍ଟଇଣ୍ଡିଜକୁ ୧୦୧ ରନରେ ପରାସ୍ତ କରିଛି। ୧୫ ବର୍ଷ ପରେ ୱେଷ୍ଟଇଣ୍ଡିଜରେ ବାଂଲାଦେଶ ଜିତିଛି। ନାହିଦ ରାଣା ଏବଂ ତାଇଜୁଲ ଇସଲାମ ବାଂଲାଦେଶର ଏହି ଐତିହାସିକ ବିଜୟର ହିରୋ ଥିଲେ। ଜଣେ ପ୍ରଥମ ଇନିଂସରେ ୫ଟି ଉଇକେଟ ନେଇଥିବା ବେଳେ ଅନ୍ୟ ଜଣେ ଦ୍ୱିତୀୟ ଇନିଂସରେ ଚମତ୍କାର ଖେଳିଥିଲା। ୱେଷ୍ଟଇଣ୍ଡିଜରେ କ୍ରମାଗତ ୭ ପରାଜୟ ପରେ ବାଂଲାଦେଶ ଜିତିଛି।

ଏହି ଟେଷ୍ଟ ମ୍ୟାଚରେ ବାଂଲାଦେଶ ଦଳ ପ୍ରଥମ ଇନିଂସରେ ମାତ୍ର ୧୬୪ ରନ ସ୍କୋର କରିପାରିବ। ବାଂଲାଦେଶ ପାଇଁ ଓପନର ଶ୍ୟାଡ଼ମାନ ଇସଲାମ ସର୍ବାଧିକ ୬୪ ରନ ସ୍କୋର କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ଜାଡେନ ସିଲ୍ସ ଭଲ ବୋଲିଂ କରିଥିଲେ। ସେ ୧୫.୫ ଓଭରରେ ମାତ୍ର ପାଞ୍ଚ ରନ ଦେଇ ୪ ଉଇକେଟ ନେଇଥିଲେ। ତେବେ ଏହାର ଜବାବରେ ୱେଷ୍ଟଇଣ୍ଡିଜ ଦଳ ଏହାର ପ୍ରଥମ ଇନିଂସରେ ୧୪୬ ରନ ସଂଗ୍ରହ କରିଥିଲା। ଆୟୋଜକ ଦଳ ପାଇଁ କେସି କାର୍ଟି ୪୦ ରନ ଏବଂ କ୍ରେଗ ବ୍ରାଥୱାଇଟ ୩୯ ରନ ସଂଗ୍ରହ କରିଥିଲେ। ନାହିଦ ରାଣା ବାଂଲାଦେଶ ପାଇଁ ୫ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୮ ରନ ଅଗ୍ରଣୀ ହାସଲ କରିବା ପରେ ବାଂଲାଦେଶ ଦ୍ୱିତୀୟ ଇନିଂସରେ ୨୬୮ ରନ ସଂଗ୍ରହ କରିଥିଲା। ଷଷ୍ଠ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଜାକର ଅଲି ୯୧ ରନର ଇନିଂସ ଖେଳିଥିଲେ। ତାଙ୍କ ବ୍ୟାଟରୁ ୮ ଚୌକା ଓ ୫ ଛକା ଆସିଥିଲା। ଓପନର ଶ୍ୟାଡ଼ମ୍ୟାନ ଇସଲାମ ମଧ୍ୟ ୪୬ ରନ କରିଥିଲେ। କେମାର ରୋଚ୍ ଏବଂ ଅଲଜାରି ଜୋସେଫ୍ ୱେଷ୍ଟଇଣ୍ଡିଜ ପାଇଁ ତିନୋଟି ଉଇକେଟ ନେଇଥିଲେ।

ୱେଷ୍ଟଇଣ୍ଡିଜ ଜିତିବା ପାଇଁ ୨୮୭ ରନ ଲକ୍ଷ୍ୟ ରଖିଥିଲା। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ଦଳ ମାତ୍ର ୧୮୫ ରନ ସଂଗ୍ରହ କରିଥିଲା। ଏହିପରି ବାଂଲାଦେଶ ୧୦୧ ରନ୍‌ରେ ମ୍ୟାଚ୍ ଜିତିଥିଲା। ଏଥର ତାଇଜୁଲ ଇସଲାମ ବାଂଲାଦେଶ ପାଇଁ ପାଞ୍ଚଟି ଉଇକେଟ ନେଇଥିଲେ। ତାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଆଖ୍ୟା ମଧ୍ୟ ଦିଆଯାଇଥିଲା।

# ଦ୍ୱିତୀୟ ଦିନରେ ପୂର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟ



**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱ-ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଚାରିଦିନିଆ, ପୂର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ଅନ୍ତର୍ଗତ ପ୍ରଥମ ଓ ଦ୍ୱିତୀୟଦିନର ସମସ୍ତ ମ୍ୟାଚ୍ ଖେଳାଯାଇଛି।

ମ୍ୟାଚ୍‌ର ମୁଖ୍ୟ ରେଫରୀ ରବିନାରାୟଣ ପ୍ରଧାନ ଓ ସହ-ରେଫରୀ ଉମେଶ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ଉଦ୍‌ଘାଟନୀ ମ୍ୟାଚ୍ ସହ ୧୨ଟି ନକ୍‌ଆଉଟ ମ୍ୟାଚ୍ ଖେଳାଯାଇ ଫଳାଫଳ ଘୋଷିତ ହୋଇଥିଲା। ୨ଟି ମ୍ୟାଚ ସଂପୃକ୍ତ ଦଳର ଅନୁପସ୍ଥିତି ଯୋଗୁଁ ରଦ୍ଦ କରାଯାଇଥିଲା। ସେହିଭଳି ଦ୍ୱିତୀୟ ଦିବସରେ ସୂଚନା ହସ୍ତଗତ ସୁଦ୍ଧା ୧୫ଟି ମ୍ୟାଚ ଖେଳାଯାଇ ଫଳାଫଳ ଘୋଷିତ ହୋଇଥିଲା ଓ ଗୋଟିଏ ମ୍ୟାଚ୍ ରଦ୍ଦ ହୋଇଥିଲା।

ଦୁଇଟି କୋର୍ଟରେ ୧୮ ଜଣ ସୁଦକ୍ଷ ରେଫରୀଙ୍କ ତତ୍ତ୍ୱାବଧାନରେ ଖେଳାଯାଉଥିବା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଗୁଡ଼ିକ ଦର୍ଶକମାନଙ୍କ ପାଇଁ ଚିତାକର୍ଷକ ହୋଇପାରିଛି। ବିଶ୍ୱବିଦ୍ୟାଳୟ ଆଖପାଖ ଅଞ୍ଚଳର ଜନସାଧାରଣ ଏହି ଟୁର୍ଣ୍ଣାମେଣ୍ଟର ଖେଳଗୁଡ଼ିକୁ ବେଶ୍ ଉପଭୋଗ କରିବାସହ ଖେଳିଙ୍କୁ ଉତ୍ସାହିତ କରୁଛନ୍ତି। ବିଶ୍ୱବିଦ୍ୟାଳୟ ତରଫରୁ ଖେଳାଳିଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ପାଇଁ ପରିସରରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ସହ ସ୍ୱାସ୍ଥ୍ୟକର୍ମୀ ପ୍ରସ୍ତୁତ ରହିଛନ୍ତି। ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦର ସଦସ୍ୟମାନେ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳତାର ସହ ସଂପାଦନ କରାଯିବାର ଆଶାପୋଷଣ କରିଛନ୍ତି।

# କୁମାରବସ୍ତ ଲୋକନାଥ କ୍ରିକେଟ୍ : ବାଙ୍କୀ ଓପିୱାଇସି ଅଟ୍ରି ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡ଼ିଆର ବୁଧବାର ଏକାଦଶ ଦିବସରେ ପ୍ରଥମ ମ୍ୟାଚ୍‌ରେ ବାଙ୍କୀ ଦଳ ତମାଣ୍ଡୋ ଦଳକୁ ୨ ରନ୍‌ରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବାଙ୍କୀ ଦଳ ପ୍ରଥମେ ବ୍ୟାଟିଂ କରି ୧୫୫ ରନ କରିଥିଲେ। ଦଳ ପକ୍ଷରୁ ସାଗର ବେହେରା ୭୮ରନ୍ କରିଥିଲେ। ଜବାବରେ ତମାଣ୍ଡୋ ଦଳ ଦୀପକ୍ ହରିଚନ୍ଦନ ଙ୍କ ୬୯ ରନ୍ ବଳରେ ମାତ୍ର ୧୨ ଓଭର ରେ ୮ ୱିକେଟ୍ ହରାଇମାତ୍ର ୧୫୩ ରନ୍ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ପିୱାଇସି ଅଟ୍ରି ଦଳ ମଞ୍ଚେଶ୍ୱର ଦଳକୁ ୪୮ ରନ୍‌ରେ ପରାସ୍ତ କରିଛି। ଅଟ୍ରି ଦଳ ପ୍ରଥମେ ବ୍ୟାଟିଂ କରି କୁଳଦୀପ ପାଇକରାୟଙ୍କ ୬୯ ରନ ସହାୟତାରେ ୧୮ ଓଭରରେ ୭ ୱିକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲେ। ଜବାବରେ ମଞ୍ଚେଶ୍ୱର୍ ଦଳ ୧୩ ଓଭରରେ ୧୦ଟି ୱିକେଟ ହରାଇ ମାତ୍ର ୧୧୬ ରନ୍‌ରେ ସୀମିତ ରହିଥିଲେ। ଦଳ ତରଫରୁ ସୋମନାଥ ବଳ ୩୬ ରନ୍ କରିଥିଲେ। ଅଟ୍ରି ଦଳର ସନ୍ତୋଷ ପରିଡ଼ା ୪ଟି ୱିକେଟ ନେଇଥିଲେ।

ଅତିଥି ୱାଣ୍ଡରେଲା ଗେଷ୍ଟ୍ ରିଲେସନ ଡେପୁଟି ମ୍ୟାନେଜର ଆଶୁତୋଷ ମହାରଣା ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସାଗର ବେହେରାଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ନରେନ୍ଦ୍ର ବରାଳ ଶ୍ରେଷ୍ଠ ଖେଳାଳି ଭାବେ ସନ୍ତୋଷ




ପରିଡ଼ାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଓ ସୋଭାକର ପାତ୍ର ପରିଚାଳନା କରିଥିଲେ। କାଜଲ ବଳିଆରସିଂ ଓ ଶ୍ରଧାକର ପାତ୍ର ମ୍ୟାଚ୍ ରେଫରୀ ଭାବରେ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ରଂଜନ ବରାଳ, ପ୍ରକାଶ, ଅମ୍ଳାନ ରାଉତରାୟ, ସିବଦତ୍ତ ବଡ଼ଜେନା ଓ ଜନ୍ମେଜୟ ଛୋଟରାୟ ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏବଂ ବନବିହାରୀ ସ୍ୱାଇଁ କାର୍ଯ୍ୟ କରିଥିଲେ। ଗୁରୁବାର ଦିନ ପ୍ରଥମ ମ୍ୟାଚ୍ ଯଦୁପୁର ବନାମ ବାଙ୍କୁଆଳ ଓ ଦ୍ୱିତୀୟ ମ୍ୟାଚ୍ ପିୱାଇସି, ଅଟ୍ରି ବନାମ ଢେଙ୍କାନାଳ କ୍ରିକେଟ୍ କ୍ଲବ୍ ମଧ୍ୟରେ ହେବ ବୋଲି ଅମିୟ ପ୍ରଧାନ ଜଣାଇଛନ୍ତି।

# ଦ୍ୱିତୀୟ ଟେଷ୍ଟରେ ଖେଳିବେନି ବିରାଟ କୋହଲି !

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଚିନ୍ତା ବଢ଼ାଇବା ଭଳି ଖବର ଆସିଛି। ପର୍ଥ ଟେଷ୍ଟରେ ଦମ୍‌ଦାର ଶତକ ହାସଲ କରିଥିବା ବିରାଟ କୋହଲିଙ୍କ ଅଭ୍ୟାସ ବେଳର ଫଟୋକୁ ଦେଖି ସମସ୍ତେ ଚିନ୍ତାରେ ପଡ଼ି ଯାଇଛନ୍ତି। ଆଡିଲେଡ୍‌ରେ ପିଙ୍କ୍ ବଲ୍ ଟେଷ୍ଟ ପାଇଁ ଭାରତ ପ୍ରସ୍ତୁତ ହେଉଥିବା ବେଳେ ବିରାଟ କୋହଲି ଆହତ ସମସ୍ୟାରେ ପଡ଼ିଥିବା ଜଣାପଡ଼ିଛି। ସାମ୍ନାକୁ ଆସିଥିବା ଗୋଟିଏ ଫଟୋରେ ବିରାଟଙ୍କ ଆଣ୍ଠୁ ପାଖରେ ବ୍ୟାଣ୍ଡେଜ ହୋଇଥିବା ଦେଖିବାକୁ ମିଳୁଛି। ସେହିପରି ସାମ୍ନାକୁ ଆସିଥିବା ଭିଡିଓରେ ବିରାଟ ଥ୍ରୋର ଅଭ୍ୟାସ କରୁଥିଲେ ହେଁ ଠିକ୍ ଭାବେ ଚାଲି ପାରୁ ନଥିବା ଦେଖାଯାଉଛି। ଆସନ୍ତା ୬ରୁ ଆଡିଲେଡ୍‌ରେ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ବିରାଟଙ୍କ ଆଣ୍ଠୁ ପାଖରେ ପଡ଼ିଥିବା ବ୍ୟାଣ୍ଡେଜ କେତେ ଗୁରୁତର ସେକଥା ଜଣାପଡ଼ିନି। ଇଣ୍ଡିଆ ଟୁଡେର ରିପୋର୍ଟ ଅନୁସାରେ, ଅଭ୍ୟାସ ବେଳେ ବିରାଟ ସମ୍ଭବତଃ ଆଣ୍ଠୁର ସାମାନ୍ୟ ତଳକୁ ସମସ୍ୟା ଅନୁଭବ କରିଥିଲେ। ଏଥିପାଇଁ ମେଡିକାଲ ଟିମ୍ ତାଙ୍କର ଯାଞ୍ଚ କରିଥିଲା। ତଥାପି ସେ ସମସ୍ୟାରୁ ନ ମୁକୁଳିବାରୁ ଆଣ୍ଠୁର ସାମାନ୍ୟ ତଳକୁ ବ୍ୟାଣ୍ଡେଜ କରିବାକୁ ପଡ଼ିଛି।

ଅଭ୍ୟାସ ସେସନ୍ ସମୟରେ ବିରାଟଙ୍କ ଆଣ୍ଠୁରେ ବ୍ୟାଣ୍ଡେଜ କରାଯାଉଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଡାହାଣ ଆଣ୍ଠୁ ପାଖରେ ବ୍ୟାଣ୍ଡେଜ କରିବା ପରେ ବିରାଟ ଥ୍ରୋର ଅଭ୍ୟାସ କରିଥିଲେ। ତେବେ ସେ ଚାଲିବାରେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ଭିଡିଓରେ ଦେଖିବାକୁ ମିଳୁଛି। ପର୍ଥ ଟେଷ୍ଟରେ ବିରାଟ ଶତକ ମାରି ଫର୍ମକୁ ଫେରିବାର ସଙ୍କେତ ଦେଇଛନ୍ତି। ତେଣୁ ସେ ବର୍ତ୍ତମାନ ଭାରତର ପ୍ରମୁଖ ବ୍ୟାଟିଂ ଅସ୍ତ୍ର। ଏପରି ସ୍ଥିତିରେ ସେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଆହତ ସମସ୍ୟାରେ ପଡ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇଛି।

# ପୁଣି ନିରାଶ ପାକିସ୍ତାନ : ଚାମ୍ପିଅନ୍ସ ଟ୍ରଫି ଉପରେ ଆଇସିସିକୁ ଜବାବ ପଠାଇଲା ବିସିସିଆଇ

**ନୂଆଦିଲ୍ଲୀ**

୨୦୨୫ ଚାମ୍ପିଅନ୍ସ ଟ୍ରଫିକୁ ନେଇ ଜାରି ବିବାଦ ଥମିବାର ନାଁ ନେଉନି। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଆଉ ପାଖାପାଖି ୨ ମାସ ସମୟ ରହିଛି। ତଥାପି ଟୁର୍ଣ୍ଣାମେଣ୍ଟର ଭେନ୍ୟୁକୁ ନେଇ ଚିତ୍ର ସ୍ପଷ୍ଟ ହୋଇପାରିନି। ଟୁର୍ଣ୍ଣାମେଣ୍ଟ ଆୟୋଜନର ଅଧିକାର ପାକିସ୍ତାନ ନିକଟରେ ରହିଛି। କିନ୍ତୁ ଭାରତୀୟ ଦଳ କୌଣସି ବି ପରିସ୍ଥିତିରେ ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ପାକିସ୍ତାନ ଯିବାକୁ ପ୍ରସ୍ତୁତ ନୁହେଁ। ତଥାପି ପାକିସ୍ତାନ ନିଜ ଦେଶରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଜିଦ୍‌ରେ ଅଟଳ ରହିଥିଲା। ଶେଷରେ ଭାରତର ହାଇବ୍ରିଡ୍ ମଡେଲ୍ ପ୍ରସ୍ତାବକୁ ସ୍ୱୀକାର କରିଛି ପାକିସ୍ତାନ। କିନ୍ତୁ ଦୁଇଟି ସର୍ତ୍ତ ରଖିଥିଲା ପିସିବି। ଯାହା ଉପରେ ନିଜର ଜବାବ ଆଇସିସିକୁ ପଠାଇ ଦେଇଛି ବିସିସିଆଇ।

ଦ ଟେଲିଗ୍ରାଫର ରିପୋର୍ଟ ଅନୁଯାୟୀ, ବିସିସିଆଇ ପିସିବିର ସର୍ତ୍ତ ମାନିବାକୁ ସ୍ପଷ୍ଟ ମନା କରି ଦେଇଛି। ବିସିସିଆଇ ପିସିବିର ଦାବି (ଭବିଷ୍ୟତରେ ପାକିସ୍ତାନର ନିରପେକ୍ଷ ସ୍ଥାନରେ ଖେଳିବା ବିଷୟରେ) ଉପରେ ଆଇସିସି ଅଧିକାରୀଙ୍କୁ ଏକ ସ୍ପଷ୍ଟ ସନ୍ଦେଶ ପଠାଇଛି। ଭାରତ କହିଛି ଯେ, ପାକିସ୍ତାନର ନିରପେକ୍ଷ ସ୍ଥାନରେ ଖେଳିବା ଦାବି ସ୍ୱୀକାରର୍ଯ୍ୟ ନୁହେଁ। କାରଣ ଭାରତରେ ସୁରକ୍ଷାର କୌଣସି ବିପଦ ନାହିଁ। ଏଥିପାଇଁ ପାକିସ୍ତାନର ଦାବି ସ୍ୱୀକାର କରିବାର କୌଣସି ପ୍ରଶ୍ନ ଉଠୁନି। ବିସିସିଆଇର କହିବା ଅର୍ଥ ପାକିସ୍ତାନ ଦଳକୁ ଭାରତରେ କୌଣସି ବିପଦ ନାହିଁ। ଏଠାକାର ସ୍ଥିତି ପାକିସ୍ତାନ ପରି ନୁହେଁ। ତେଣୁ ଭାରତରେ ହେବାକୁ ଥିବା କୌଣସି ବି ଆଇସିସି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ୍ ମଡେଲରେ ଖେଳାଯିବାର ପ୍ରଶ୍ନ ଉଠୁନି। ଏମିତିରେ ପୁଣି ଥରେ ପାକିସ୍ତାନର ପରାଜୟ କହିଲେ ଅତ୍ୟୁକ୍ତି ହେବନି। ଏହା ପୂର୍ବରୁ ପିସିବି ହାଇବ୍ରିଡ ମଡେଲର ବିରୋଧ କରିଥିଲା। କିନ୍ତୁ ଶେଷରେ ବିସିସିଆଇର ଦାବି ସ୍ୱୀକାର କରିବାକୁ ପଡ଼ିଥିଲା।

ଗଣମାଧ୍ୟମର ରିପୋର୍ଟ ଅନୁସାରେ ଗୁରୁବାର ଆଇସିସିର ବୈଠକ ବସିବ। ଏଥିରେ ବିସିସିଆଇ ଓ ପିସିବି ଦୁଇ ବୋର୍ଡର ବଡ଼ ଅଧିକାରୀ ସାମିଲ ହେବେ। ବୈଠକରେ ଚାମ୍ପିଅନ୍ସ ଟ୍ରଫିର ବିବାଦ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଆସିପାରେ। ଏହା ପୂର୍ବରୁ ନଭେମ୍ବର ୨୯ରେ ଆଇସିସିର ବୋର୍ଡ ମିଟିଂ ବସିଥିଲା। ହେଲେ ଏଥିରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଆଉ ଏହି ବୈଠକ ମାତ୍ର ୧୫ ମିନିଟ୍ ଚାଲିଥିଲା।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ନିବନ୍ଧ

# ଦିବ୍ୟାଙ୍ଗଜନଙ୍କ ସେବା ଓ ସଶକ୍ତିକରଣର ଗୋଟିଏ ଦଶନ୍ଧି

- ଆମ ସରକାର ଅନ୍ତର୍ଭୁକ୍ତୀକରଣ, ସମ୍ବେଦନଶୀଳତା ଏବଂ ସର୍ବାଙ୍ଗୀଣ ବିକାଶ ପାଇଁ ପ୍ରତିବଦ୍ଧତାର ମୂଲ୍ୟବୋଧ ଦ୍ୱାରା ପରିଚାଳିତ : ପ୍ରଧାନମନ୍ତ୍ରୀ
- ସୁଗମ୍ୟ ଭାରତ ଅଭିଯାନ, ଆଇନଗତ ସଂସ୍କାର ଓ ପରିଭାଷା ବଦଳିବା ଯୋଗୁ ଦେଶର ଦିବ୍ୟାଙ୍ଗ ଭାଇଭଉଣୀମାନେ ଅଧିକ ସଶକ୍ତ ହୋଇଛନ୍ତି : ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ପିଆଇବି**

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ୱେବସାଇଟ୍- 'ନରେନ୍ଦ୍ର ମୋଦୀ ଡଟ୍ ଇନ'ରେ ଏକ ନିବନ୍ଧ ଲେଖି ଦିବ୍ୟାଙ୍ଗଜନଙ୍କ ପ୍ରତି ରହିଥିବା ତାଙ୍କର ବିଚାର ବ୍ୟକ୍ତ କରିଛନ୍ତି। ଗତ ଏକ ଦଶନ୍ଧି ମଧ୍ୟରେ ଦିବ୍ୟାଙ୍ଗଜନଙ୍କ କଲ୍ୟାଣ ପାଇଁ ତାଙ୍କ ସରକାର ଗ୍ରହଣ କରିଥିବା ଏକାଧିକ ପଦକ୍ଷେପ ବିଷୟରେ ସେ ଏହି ନିବନ୍ଧରେ ଉଲ୍ଲେଖ କରିଛନ୍ତି।

ଶ୍ରୀ ମୋଦୀ ଲେଖିଛନ୍ତି, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଦିବ୍ୟାଙ୍ଗଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ। ଏହି ଦିନଟି ଦିବ୍ୟାଙ୍ଗମାନଙ୍କ ସାହସ, ସଂକଳ୍ପ ଓ ସଫଳତାକୁ ସମ୍ମାନ ଜଣାଇବାର ଅବସର। ଭାରତ ପାଇଁ ଆଜିର ଦିନ ଅତ୍ୟନ୍ତ ପବିତ୍ର। ଦିବ୍ୟାଙ୍ଗଜନଙ୍କ ପ୍ରତି ସମ୍ମାନ ଭାରତୀୟ ସାଂସ୍କୃତିକ ମୂଲ୍ୟବୋଧ ସହ ଗଭୀର ଭାବରେ ଜଡ଼ିତ। ପ୍ରତ୍ୟେକଙ୍କ ଅନ୍ତର୍ନିହିତ ସାମର୍ଥ୍ୟକୁ ସମ୍ମାନ ଦେବା ଲାଗି ଆମ ଶାସ୍ତ୍ରରେ ଶିକ୍ଷା ଦିଆଯାଇଛି। ରାମାୟଣରେ କୁହାଯାଇଛି, ''ସଂକଳ୍ପ ଓ ଉତ୍ସାହ ଥିବା ଲୋକଙ୍କ ପାଇଁ ଦୁନିଆରେ କିଛି ବି ଅସମ୍ଭବ ନୁହେଁ।'' ଆଜି ଦେଶର ଦିବ୍ୟାଙ୍ଗଜନ ଏହି ଭାବନାର ଉଦାହରଣ ଦେଇ ଦେଶ ପାଇଁ ଶକ୍ତି ଓ ଗୌରବର ଉତ୍ସ ପାଲଟିଛନ୍ତି ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି।

ଶ୍ରୀ ମୋଦୀ ତାଙ୍କ ନିବନ୍ଧରେ ଆହୁରି ଲେଖିଛନ୍ତି, ଚଳିତ ବର୍ଷ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ପାଳନ କରାଯାଉଥିବାରୁ ଏହି ଅବସର ଅଧିକ ସ୍ୱତନ୍ତ୍ର। ଆମ ସମ୍ବିଧାନ ସମାନତା ପାଇଁ କାମ କରିବା ଏବଂ ଶେଷ ସୋପାନରେ ଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବାକୁ ପ୍ରେରଣା ଦେଇଛି। ସମ୍ବିଧାନରେ ଥିବା ମୂଲ୍ୟବୋଧରେ ଅନୁପ୍ରାଣିତ ହୋଇ ଗତ ୧୦ ବର୍ଷ ମଧ୍ୟରେ ଦିବ୍ୟାଙ୍ଗଜନଙ୍କ ପ୍ରଗତି ପାଇଁ ଏକ ମଜବୁତ୍ ମୂଳଦୁଆ ପ୍ରତିଷ୍ଠା କରାଯାଇଛି। ଏହି ସମୟ ମଧ୍ୟରେ ଅନେକ ନୀତି ପ୍ରଣୟନ କରାଯାଇଛି ଏବଂ ସେମାନଙ୍କ କଲ୍ୟାଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି।

ଶ୍ରୀ ମୋଦୀ ଲେଖିଛନ୍ତି, ତାଙ୍କ ସରକାର ଅନ୍ତର୍ଭୁକ୍ତୀକରଣ, ସମ୍ବେଦନଶୀଳତା ଏବଂ ସର୍ବାଙ୍ଗୀଣ ବିକାଶ ପାଇଁ ପ୍ରତିବଦ୍ଧତାର ମୂଲ୍ୟବୋଧ ଦ୍ୱାରା ପରିଚାଳିତ ବୋଲି ଏସବୁ ନିଷ୍ପତ୍ତି ଦ୍ୱାରା ପ୍ରମାଣିତ ହୋଇଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ସାର୍ବଜନୀନ ଜୀବନ ଆରମ୍ଭରୁ ସେ ଦିବ୍ୟାଙ୍ଗଜନଙ୍କ ଜୀବନକୁ ସହଜ କରିବା ପାଇଁ ସର୍ବଦା ଚେଷ୍ଟା କରିଆସିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପରେ ସେ ଏହି ସେବା ଭାବନାକୁ ଏକ ଜାତୀୟ ମିଶନରେ ପରିଣତ କରିବା ପାଇଁ କାମ କରିଛନ୍ତି। ୨୦୧୪ରେ ତାଙ୍କ ସରକାରର ପ୍ରଥମ କାମ ଥିଲା 'ବିକଳାଙ୍ଗ' ଶବ୍ଦ ବଦଳରେ 'ଦିବ୍ୟାଙ୍ଗ' ଶବ୍ଦ ବ୍ୟବହାର କରିବା। ଏହା କେବଳ ପରିଭାଷାରେ ପରିବର୍ତ୍ତନ ନୁହେଁ; ଏହା ସେମାନଙ୍କ ସମ୍ମାନ ସୁନିଶ୍ଚିତ କରିଥିଲା ଏବଂ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେଇଥିଲା। ଏହି ନିଷ୍ପତ୍ତି ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ସରକାର ଏକ ସମାବେଶୀ ପରିବେଶର ପରିକଳ୍ପନା କରୁଛନ୍ତି ଯେଉଁଠାରେ ଶାରୀରିକ ଆହ୍ୱାନ ପ୍ରତିବନ୍ଧକ ହୋଇନଥାଏ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେମାନଙ୍କ ପ୍ରତିଭା ଅନୁଯାୟୀ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବା ପାଇଁ ଯୋଗ୍ୟ ସମ୍ମାନ ଓ ସୁଯୋଗ ପ୍ରଦାନ କରାଯାଏ।



ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ପ୍ରତିବର୍ଷ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ୯ ବର୍ଷ ପୂର୍ବେ ଆଜିର ଦିନରେ ସୁଗମ୍ୟ ଭାରତ ଅଭିଯାନ ଆରମ୍ଭ କରାଯାଇଥିଲା। କିଛି ବର୍ଷ ଧରି, ଏହି ପଦକ୍ଷେପ ଦିବ୍ୟାଙ୍ଗଜନଙ୍କୁ ଯେପରି ସଶକ୍ତ କରିଛି ତାହା ଅତ୍ୟନ୍ତ ସନ୍ତୋଷର ବିଷୟ। ୧୪୦ କୋଟି ଭାରତୀୟଙ୍କ ସଂକଳ୍ପ ବଳରେ ଏହି ପଦକ୍ଷେପ ଏକ ଅଧିକ ସମାବେଶୀ ଭାରତ ପାଇଁ ପଥ ପ୍ରଶସ୍ତ କରିଛି। ପୂର୍ବ ସରକାରଙ୍କ ନୀତି ଅନେକ ସମୟରେ ଦିବ୍ୟାଙ୍ଗଜନଙ୍କୁ ସରକାରୀ ଚାକିରି ଓ ଉଚ୍ଚଶିକ୍ଷାର ସୁଯୋଗ ପାଇବାରେ ପଛରେ ପକାଇଦେଇଥିଲା। ତାଙ୍କ ସରକାର ସେହି ସ୍ଥିତି ବଦଳାଇ ଦେଇଥିଲା ବୋଲି ପ୍ରଧାନମନ୍ତ୍ରୀ ଲେଖିଛନ୍ତି। ସେ ଦର୍ଶାଇଛନ୍ତି ଯେ, ସଂରକ୍ଷଣ ନୀତିରେ ସଂସ୍କାର ଅଣାଯାଇଛି ଏବଂ ଗତ ୧୦ ବର୍ଷ ମଧ୍ୟରେ ଦିବ୍ୟାଙ୍ଗଜନଙ୍କ କଲ୍ୟାଣ ପାଇଁ ଖର୍ଚ୍ଚକୁ ତିନିଗୁଣ ବୃଦ୍ଧି କରାଯାଇଛି, ଯାହା ସେମାନଙ୍କ ଆବଶ୍ୟକତା ପୂରଣ ଏବଂ ସେମାନଙ୍କ ଲାଗି ନୂତନ ସୁଯୋଗ ଖୋଲିବା ନିମନ୍ତେ ସରକାରଙ୍କ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ନିଷ୍ପତ୍ତି ଦିବ୍ୟାଙ୍ଗଜନଙ୍କ ପାଇଁ ସୁଯୋଗ ଓ ପ୍ରଗତିର ନୂଆ ମାର୍ଗ ଖୋଲିଛି। ଦେଶର ଦିବ୍ୟାଙ୍ଗ ସାଥୀମାନେ ରାଷ୍ଟ୍ର ନିର୍ମାଣରେ ଉତ୍ସର୍ଗୀକୃତ ଅଂଶୀଦାର ଭାବରେ ଗର୍ବର ସହ ଯୋଗଦାନ କରୁଛନ୍ତି।

ପ୍ରଧାନମନ୍ତ୍ରୀ ତାଙ୍କ ନିବନ୍ଧରେ ଲେଖିଛନ୍ତି, ଭାରତରେ ଯୁବ ଦିବ୍ୟାଙ୍ଗଜନଙ୍କ ବିପୁଳ ସମ୍ଭାବନାକୁ ସେ ବ୍ୟକ୍ତିଗତ ଭାବେ ଅନୁଭବ କରିଛନ୍ତି। ପାରାଲିମ୍ପିକ୍ସରେ ଆମ ଖେଳାଳିମାନେ ଦେଶକୁ ଯେଉଁ ସମ୍ମାନ ଦେଇଛନ୍ତି ତାହା ଏହି ଅବିଶ୍ୱସନୀୟ ଶକ୍ତିକୁ ପ୍ରତିଫଳିତ କରୁଛି। ଏହି ଶକ୍ତିକୁ ଦେଶର ପ୍ରଗତିରେ ପ୍ରୋତ୍ସାହିତ କରିବା ପାଇଁ ଦିବ୍ୟାଙ୍ଗ ବନ୍ଧୁମାନଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହିତ ଯୋଡ଼ାଯାଇଛି, ଯାହା ଭାରତର ଅଭିବୃଦ୍ଧିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାର ସାମର୍ଥ୍ୟକୁ ସାହାଯ୍ୟ କରୁଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କେବଳ ସରକାରୀ ପଦକ୍ଷେପ ନୁହେଁ, ବରଂ ଦିବ୍ୟାଙ୍ଗଜନଙ୍କ ଆତ୍ମବିଶ୍ୱାସ ବଢ଼ାଇଛି। ଏହା ସେମାନଙ୍କୁ ଆତ୍ମନିର୍ଭରଶୀଳତାର ଭାବନା ସହିତ ସଶକ୍ତ କରିଛି ଏବଂ ରୋଜଗାର ଖୋଜିବା ଓ ସମ୍ମାନର ସହ ସେମାନଙ୍କ ଜୀବନକୁ ଗଢି ତୋଳିବା ପାଇଁ ସଶକ୍ତ କରିଛି। ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ତାଙ୍କ ସରକାରଙ୍କ ମୂଳ ନୀତି ହେଉଛି ଦିବ୍ୟାଙ୍ଗ ଭାଇ ଭଉଣୀମାନଙ୍କ ଜୀବନ ଯେପରି ଅଧିକ ସହଜ, ସୁବିଧାଜନକ ଏବଂ ସମ୍ମାନଜନକ ହେବ ତାହା ସୁନିଶ୍ଚିତ କରିବା। ଏହି ଭାବନାରେ ଭିନ୍ନକ୍ଷମ ଆଇନ କାର୍ଯ୍ୟକାରୀ କରାଯାଇଛି। ଏହି ଐତିହାସିକ ଆଇନ ଭିନ୍ନକ୍ଷମଙ୍କ ସଂଜ୍ଞାକୁ ୭ରୁ ୨୧ ବର୍ଗକୁ ବିସ୍ତାର କରିଛି। ପ୍ରଥମ ଥର ପାଇଁ ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ମଧ୍ୟ ଏହାର ପରିସରଭୁକ୍ତ କରାଯାଇଛି। ଆଜି ଏହି ଆଇନ ଦିବ୍ୟାଙ୍ଗଜନଙ୍କୁ ଅଧିକ ଆତ୍ମନିର୍ଭରଶୀଳ ଓ ସଶକ୍ତ ଜୀବନଯାପନ ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ପ୍ରଦାନ କରିଛି।

ଶ୍ରୀ ମୋଦୀ ଦର୍ଶାଇଛନ୍ତି, ଏହି ଆଇନଗୁଡ଼ିକ ଦିବ୍ୟାଙ୍ଗଜନଙ୍କ ପ୍ରତି ସାମାଜିକ ଧାରଣାକୁ ମଧ୍ୟ ବଦଳାଇ ଦେଇଛି। ଆଜି ଦିବ୍ୟାଙ୍ଗ ଭାଇଭଉଣୀମାନେ ଏକ ସମୃଦ୍ଧ ଭାରତର ବିକାଶରେ ସମ୍ପୂର୍ଣ୍ଣ ଯୋଗଦାନ କରୁଛନ୍ତି। ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଅନନ୍ୟ ପ୍ରତିଭା ରହିଛି; କେବଳ ସେମାନଙ୍କୁ ଲୋକଲୋଚନକୁ ଆଣିବା ଆବଶ୍ୟକ ବୋଲି ଆମ ଶାସ୍ତ୍ରରେ କୁହାଯାଇଛି। ଦିବ୍ୟାଙ୍ଗ ବନ୍ଧୁମାନଙ୍କର ଉଲ୍ଲେଖନୀୟ ଦକ୍ଷତା ଉପରେ ବିଶ୍ୱାସ ରଖି ଗତ ଏକ ଦଶନ୍ଧି ମଧ୍ୟରେ ଅନେକ ପଦକ୍ଷେପ ନିଆଯାଇଛି। ସେମାନଙ୍କ ସଫଳତା ସମାଜର ଆକାଂକ୍ଷାକୁ ନୂଆ ରୂପ ଏବଂ ନୂତନ ଦିଗ ଦେବା ଆନନ୍ଦର ବିଷୟ ବୋଲି ପ୍ରଧାନମନ୍ତ୍ରୀ ଲେଖିଛନ୍ତି।

ପାରା ଅଲିମ୍ପିକ୍ସ ପଦକ ଜିତି ଖେଳାଳୀମାନେ ଯେତେବେଳେ ତାଙ୍କୁ ସାକ୍ଷାତ କରିବା ପାଇଁ ତାଙ୍କ ବାସଭବନକୁ ଆସିଥିଲେ, ତାହା ତାଙ୍କୁ ଗର୍ବରେ ଭରି ଦେଇଥିଲା ବୋଲି ଶ୍ରୀ ମୋଦୀ ଲେଖିଛନ୍ତି। ସେ ଦର୍ଶାଇଛନ୍ତି ଯେ, ପ୍ରତି ଥର ମନ୍ କୀ ବାତ୍‌ରେ ଦିବ୍ୟାଙ୍ଗ ଭାଇ ଓ ଭଉଣୀଙ୍କ ପ୍ରେରଣାଦାୟୀ କାହାଣୀ ବାଣ୍ଟିବା ବେଳେ ସେ ଖୁସିରେ ଭାବବିହ୍ୱଳ ହୋଇପଡ଼ନ୍ତି। ଶିକ୍ଷା ହେଉ, କ୍ରୀଡ଼ା ହେଉ ବା ଷ୍ଟାର୍ଟଅପ୍, ସେମାନେ ପ୍ରତିବନ୍ଧକକୁ ଭାଙ୍ଗି ନୂଆ ଉଚ୍ଚତାରେ ପହଞ୍ଚିଛନ୍ତି ଏବଂ ଦେଶର ବିକାଶରେ ସକ୍ରିୟ ଭାବେ ଯୋଗଦାନ କରୁଛନ୍ତି। ''୨୦୪୭ରେ ଯେତେବେଳେ ଆମେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବୁ, ସେତେବେଳେ ଆମ ଦିବ୍ୟାଙ୍ଗଜନ ସମଗ୍ର ବିଶ୍ୱ ପାଇଁ ପ୍ରେରଣାର ଉତ୍ସ ଭାବେ ଠିଆ ହେବେ,'' ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ନିବନ୍ଧ ଶେଷରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ଗଠନର ସଂକଳ୍ପ ନେଇ ଏପରି ଏକ ସମାଜ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି ଯେଉଁଥିରେ କୌଣସି ସ୍ୱପ୍ନ ଓ ଲକ୍ଷ୍ୟ ହାସଲ କରିବା ଅସମ୍ଭବ ହେବ ନାହିଁ। ଏଭଳି ଦୃଢ଼ସଂକଳ୍ପ ଏକ ସମାବେଶୀ ଓ ବିକଶିତ ଭାରତ ନିର୍ମାଣ କରିପାରିବ। ଏହି ଲକ୍ଷ୍ୟ ହାସଲ କରିବାରେ ଦିବ୍ୟାଙ୍ଗ ଭାଇ ଓ ଭଉଣୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀ ମୋଦୀ ଲେଖିଛନ୍ତି।

# ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ମ୍ୟାଚ୍ ଖେଳିପାରିବେନି ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ର ମେଗା ନିଲାମ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ସ୍ପଷ୍ଟ କରି ଦେଇଛି ଯେ ଆସନ୍ତା ସିଜନରେ ମଧ୍ୟ ଦଳର କମାଣ୍ଡ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ହାତରେ ରହିବ। କିନ୍ତୁ ଏହା ପୂର୍ବରୁ ମୁମ୍ବାଇ ପାଇଁ ଏକ ଖରାପ ଖବର ଆସିଛି। ଦଳର ଅଧିନାୟକ ହାର୍ଦ୍ଦିକ ଆସନ୍ତା ସିଜିନର ପ୍ରଥମ ମ୍ୟାଚ ଖେଳି ପାରିବେ ନାହିଁ କାରଣ ବିସିସିଆଇ ତାଙ୍କୁ ବାରଣ କରିଛି। ତେବେ କ୍ୟାପଟେନଙ୍କ ଉପରେ ଏହି ନିଷେଧାଦେଶ ଲାଗୁ ହେବାର କାରଣ କ'ଣ ତାହା ଜାଣିବାକୁ ସମସ୍ତଙ୍କ ମନରେ ଉତ୍କଣ୍ଠା ରହିଛି। ଆଇପିଏଲ ୨୦୨୫ ଆରମ୍ଭ ହେବାର ସମୟ ଅଛି, କିନ୍ତୁ ଏହାପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସକୁ ଏକ ବଡ଼ ଝଟ୍କା ଲାଗିଛି। ସେମାନଙ୍କର ଅଧିନାୟକ ଯଥା ହାର୍ଦ୍ଦିକ ପାଣ୍ଡ୍ୟା ଆସନ୍ତା ସିଜିନର ପ୍ରଥମ ମ୍ୟାଚ ମିସ୍ କରିବାକୁ ଯାଉଛନ୍ତି। କଥାଟି ହେଉଛି ଯେ ସ୍ଲୋ ଓଭର ରେଟ୍ ହେତୁ ଅଧିନାୟକ ହାର୍ଦ୍ଦିକଙ୍କୁ ବାରଣ କରାଯାଇଛି। ନିୟମ ଅନୁଯାୟୀ, ଯଦି ଆଇପିଏଲ ଋତୁରେ ତିନିଥର ଧୀର ଓଭର ହାର ମିଳେ, ତେବେ ଦଳର ଅଧିନାୟକଙ୍କୁ ଗୋଟିଏ ମ୍ୟାଚ ପାଇଁ ବାରଣ କରାଯାଇଛି।

OFFICE OF THE EXECUTIVE ENGINEER, P.H. DIVISION, ANGUL C-1173
Ph. (06764) 296431, Email-eephangul@yahoo.in
GOVERNMENT OF ODISHA
Bid Identification No.SE PH Division Angul- 19 / 2024-25 dt.02.12.2024

| | | | |
|---|---|---|---|
| 1. | Name of the work | : | 01 (one) no |
| 2. | Type of Bid | : | One no double bid system |
| 3. | Estimated Cost | : | ₹58.65 lakhs |
| 4. | Period of completion | : | 03 (three) months |
| 5. | Date & time of availability of bid document in the portal | : | From 11.00AM of 07.12.2024 to 5.00 PM of 23.12.2024 |
| 6. | Last date / time of receipt of bids in the portal | : | 5.00 PM of 23.12.2024 |
| 7. | Date & time of opening of technical bids | : | At 11.00 AM of 24.12.2024 |
| 8. | Name & address of the Officer Inviting Bid. | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd/- (Er. Prasanta Behera)
Superintending Engineer, P.H. Division, Angul
OIPR-13056/11/0010/2425

ଭୁବନେଶ୍ୱର
୦୫ ଡିସେମ୍ବର
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ମହାପ୍ରଭୁଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି : ବଡ଼ଦେଉଳରେ ୧ ଘଣ୍ଟା ଧରି କଲେ ପୂଜାର୍ଚ୍ଚନା



**ପୁରୀ ୦୪ ।୧୨ ନ୍ୟୁଜ ବ୍ୟୁରୋ**
ପୁରୀରେ ରାଷ୍ଟ୍ରପତି । ବୁଧବାର ଦିନ ସକାଳ ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବଡ଼ଦେଉଳ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ନୌସେନାରେ ବରିଷ୍ଠ ଅଧିକାରୀ, ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ ଏବଂ ଏସ୍‌ପି ଉପସ୍ଥିତ ଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସକାଳେ ଭୁବନେଶ୍ୱରରୁ ବାହାରି ପ୍ରାୟ ୧୦ଟାରେ ପୁରୀ ସମଙ୍ଗ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ନୌସେନାର ବରିଷ୍ଠ ଅଧିକାରୀ, ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ ଓ ଏସ୍‌ପି ସ୍ୱାଗତ କରିଥିଲେ । ପରେ ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିରକୁ ପାଛୋଟି ନିଆଯାଇଥିଲା । ସିଂହଦ୍ୱାରଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅନ୍ୟମାନେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବଡ଼ ଦାଣ୍ଡରୁ ଚାଲି ଚାଲି ଶ୍ରୀମନ୍ଦିର ଯାଇଥିଲେ । ବଡ଼ଦେଉଳକୁ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କୁ ଗର୍ଭଗୃହରେ ଦର୍ଶନ କରିଥିଲେ । ସେଠାରେ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧୂପଦୀପ ଦେଇ ଆଳତି କରିଥିଲେ । ସେଠାରେ ତାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା ମଧ ଉପସ୍ଥିତ ଥିଲେ । ରାଷ୍ଟ୍ରପତିଙ୍କ ଦର୍ଶନ ପାଇଁ ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା ।



ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଶ୍ରୀ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଆୟୁଷ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପ୍ରତାପ ରାଓ ଗଣପତ୍ ରାଓ ଯାଦବ ।

# ନିର୍ବାଚନ କମିଶନର ଚୟନ ଆବେଦନ ଶୁଣାଣିରୁ ପଛକୁ ହଟିଲେ ସିଜେଆଇ

## ମାମଲାର ଶୁଣାଣି କରିବେ ନୂତନ ଖଣ୍ଡପୀଠ



**ନୂଆଦିଲ୍ଲୀ,୦୪/୧୨**
ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନରଙ୍କ ନିଯୁକ୍ତି ସହ ଜଡ଼ିତ ବିବାଦର ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି । ବର୍ତ୍ତମାନ ଏହି ମାମଲାର ଶୁଣାଣି ୬ ଜାନୁଆରୀ ୨୦୨୫ରୁ ଆରମ୍ଭ ହେବ ଏବଂ ଏହାର ଶୁଣାଣି ଏକ ନୂଆ ଖଣ୍ଡପୀଠଙ୍କ ଦ୍ୱାରା କରାଯିବ । ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ନୂତନ ଆଇନ ସମ୍ପର୍କିତ ଅଟେ, ଯେଉଁଥିରେ ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନରଙ୍କ ଚୟନ କମିଟିରୁ ସିଜେଆଇଙ୍କୁ ହଟାଇ ଦିଆଯାଇ ତାଙ୍କ ସ୍ଥାନରେ କେନ୍ଦ୍ର ମନ୍ତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ୨ ମାର୍ଚ୍ଚ ୨୦୨୩ରେ ସୁପ୍ରିମକୋର୍ଟ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ । ଏଥିରେ ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପାଇଁ ତିନି ଜଣିଆ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କମିଟିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ତଥା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଅନ୍ତର୍ଭୁକ୍ତ ହୋଇଥିଲେ । କିନ୍ତୁ ଡିସେମ୍ବର ୨୦୨୩ରେ, କେନ୍ଦ୍ର ସରକାର ଏକ ନୂତନ ନିୟମ ପାରିତ କଲେ, ଯେଉଁଥିରେ ତମାମ କମିଟିରୁ ସିଜେଆଇଙ୍କୁ ହଟାଇ ଦିଆଯାଇ ତାଙ୍କ ସ୍ଥାନରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସାମିଲ କରାଯାଇଥିଲା । ସିଜେଆ ଖାନ୍ନା ପୂର୍ବରୁ ଏହି ମାମଲା ସହିତ ଜଡ଼ିତ ଅନ୍ତରିଣ ନିର୍ଦ୍ଦେଶ ଦେଇସାରିଥିଲେ । ତେବେ ବର୍ତ୍ତମାନ ସେ ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି । ସେ କହିଛନ୍ତି ଯେ 'ଏହି ମାମଲାକୁ ସେହି ଖଣ୍ଡପୀଠଙ୍କ ପାଖରେ ତାଲିକାଭୁକ୍ତ କରାଯାଉ, ଯେଉଁଥିରେ ମୁଁ ନଥିବି ।' ତେବେ ସିଜେଆଇଙ୍କ ଏହି ଘୋଷଣା ପରେ ୬ ଜାନୁଆରୀ ୨୦୨୫ରୁ ଏକ ନୂତନ ଖଣ୍ଡପୀଠଙ୍କ ଆଗରେ ତମାମ ମାମଲାର ଶୁଣାଣି ହେବ । କେନ୍ଦ୍ର ସରକାର ଦେଇଥିବା ନୂତନ ଆଇନରେ ସିଜେଆଇଙ୍କୁ ଚୟନ କମିଟିରୁ ହଟାଯିବା ପରେ ବିବାଦ ଉପୁଜିଥିଲା । କଂଗ୍ରେସ କର୍ମୀ ଜୟା ଠାକୁରଙ୍କ ସମେତ ଅନେକ ଆବେଦନକାରୀ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ । ଆବେଦନ ଗୁଡିକରେ ମୁଖ୍ୟତଃ ନୂତନ ଆଇନର ଧାରା ୭ ଏବଂ ୮କୁ ଚ୍ୟାଲେଞ୍ଜ କରାଯାଇଥିଲା । ଆବେଦନକାରୀମାନେ କହିଛନ୍ତି ଯେ ଏହି ବ୍ୟବସ୍ଥା ନିର୍ବାଚନ ଆୟୋଗର ସ୍ୱାଧୀନତା ଏବଂ ନିରପେକ୍ଷତାକୁ ଦୁର୍ବଳ କରିଥାଏ । ୨୦୨୩ର ଆଇନ ନିର୍ବାଚନ ଆୟୋଗଙ୍କ ନିଯୁକ୍ତି ପ୍ରକ୍ରିୟାରେ ପ୍ରମୁଖ ପରିବର୍ତ୍ତନ କରିଥାଏ । କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ, କ୍ୟାବିନେଟ ମନ୍ତ୍ରୀ ତଥା ବିରୋଧୀ ଦଳର ନେତାଙ୍କୁ ନେଇ ତିନିଜଣିଆ କମିଟିର ସୁପାରିସକ୍ରମେ ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନରଙ୍କୁ ନିଯୁକ୍ତ କରାଯିବ । ଏହା ଅଧୀନରେ ଚୟନ କମିଟିର ପ୍ରକ୍ରିୟାକୁ ସ୍ୱଚ୍ଛ ଢଙ୍ଗରେ ପରିଚାଳନା କରିବାର ଅଧିକାର ରହିଛି ଏବଂ କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ନେତୃତ୍ୱରେ ଏକ କମିଟି ପାଖରେ ମଧ ପ୍ରାର୍ଥୀଙ୍କୁ ବିଚାର କରିବାର କ୍ଷମତା ରହିଛି । ୨୦୨୩ ନିଷ୍ପତ୍ତିରେ ସୁପ୍ରିମକୋର୍ଟ କହିଥିଲେ ଯେ ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ କାର୍ଯ୍ୟପାଳିକା ଠାରୁ ଅଲଗା ରଖିବା ଉଚିତ୍ । ସରକାର କହିଛନ୍ତି ଯେ ନୂତନ ନିୟମ ଚୟନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିଥାଏ । ବର୍ତ୍ତମାନ ସିଜେଆଇ ଏହି ପ୍ରସଙ୍ଗରୁ ନିଜକୁ ଦୂରେଇ ରଖିଛନ୍ତି । ୬ ଜାନୁଆରୀ ୨୦୨୫ ରୁ ନୂତନ ଖଣ୍ଡପୀଠଙ୍କ ଦ୍ୱାରା ଏହି ମାମଲାର ଶୁଣାଣି ହେବ । ଏହି ପ୍ରସଙ୍ଗରେ ସେମାନଙ୍କର ଉତ୍ତର ଦାଖଲ କରିବାକୁ କେନ୍ଦ୍ର ସରକାର ଏବଂ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

# ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦିବ୍ୟାଙ୍ଗଜନଙ୍କ କଲ୍ୟାଣ ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରିବ: ମନ୍ତ୍ରୀ

**ଭୁବନେଶ୍ୱର, ୪/୧୨ ନ୍ୟୁଜ ବ୍ୟୁରୋ**
ବୁଧବାର ଭୁବନେଶ୍ୱରସ୍ଥିତ କିଟ୍ ଇଣ୍ଡୋର ଷ୍ଟାଡ଼ିୟମଠାରେ ପାଳିତ ହୋଇଯାଇଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ । ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଗତ ତିନି ଧରି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସକୁ ଏକ ସମାରୋହ ରୂପେ ପାଳନ କରାଯାଇଛି । ଏହି ଅନ୍ତର୍ଜାତୀୟ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଭିନ୍ନକ୍ଷମମାନଙ୍କୁ ଉତ୍ସାହିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ କରକମଳରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ନମ୍ବର ଉନ୍ମୋଚନ କରାଯାଇଛି । ବରିଷ୍ଠ ନାଗରିକମାନଙ୍କୁ ସୂଚନା ପ୍ରଦାନ ଓ ସମସ୍ତ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଦେୟମୁକ୍ତ ସ୍ୱତନ୍ତ୍ର ସହାୟତା ନମ୍ବର-୧୪୫୬୭ ଘୋଷଣା କରାଯାଇଛି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଆଜି ଅନେକ ଭିନ୍ନକ୍ଷମମାନେ ଅଧିକାଂଶ ସ୍ୱାବଲମ୍ବୀ ହୋଇ ନିଜ ନିଜ ପରିବାର ପ୍ରତିପୋଷଣ କରିବା ସଙ୍ଗେ ସଙ୍ଗେ ସମାଜରେ ସେମାନେ ଅନେକ କିଛି ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଯାଇଛନ୍ତି । ଭିନ୍ନକ୍ଷମମାନଙ୍କ ଥଇଥାନ ପାଇଁ ଉଭୟ କେନ୍ଦ୍ରସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଭିନ୍ନ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଆଧୁନିକ ପୁନର୍ବାସ କେନ୍ଦ୍ର, ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ, ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ, ବିଭିନ୍ନ ଜିଲ୍ଲାରେ ସେମାନଙ୍କ ପାଇଁ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ର ପ୍ରତିଷ୍ଠା, ଡିଡିଆରସି ସୁବିଧାସୁଯୋଗ, ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ, ସେମାନଙ୍କୁ ବୃତ୍ତି, ମାଗଣା ଲାପଟପ୍ ପ୍ରଦାନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଇତ୍ୟାଦି ଜାରି ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦିବ୍ୟାଙ୍ଗଜନଙ୍କ କଲ୍ୟାଣ ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।




ସେହପରି ସମ୍ମାନନୀୟ ଅତିଥି ଭାବେ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗ ଦେଇ ବିଭାଗର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଭିନ୍ନକ୍ଷମମାନଙ୍କ ଶାରୀରିକ ଉପଲବ୍ଧତାକୁ ସୁଦୃଢ଼ କରିବା ବିଭାଗର ଲକ୍ଷ୍ୟ । ସେମାନଙ୍କ ପାଇଁ ଏପରି ଏକ ପରିବେଶର ଗଠନ କରିବା ଯେଉଁଠାରେ ସେମାନେ ଗୁଣାତ୍ମକ ଶିକ୍ଷା, ନିଯୁକ୍ତି ସମେତ ସ୍ୱାଧୀନ ଭାବେ ଜୀବନଯାପନ କରିପାରିବେ । ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଯୋଗ ଦେଇ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି । ଭିନ୍ନକ୍ଷମମାନଙ୍କ ମନୋବଳକୁ ବଢେଇବା ସହ ଏକ ସମ୍ମାନସ୍ପଦ ପରିବେଶ ଯୋଗାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି ସେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, "ଭିନ୍ନକ୍ଷମଙ୍କ ପାଇଁ ଏକ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ" ବିଷୟବସ୍ତୁକୁ ନେଇ ପାଳିତ ହୋଇଯାଇଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ । ତିନି ଦିନ ବ୍ୟାପୀ ଚାଲିଥିବା ଏହି ସମାରୋହରେ ପ୍ରାୟ ୪୦୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ, ୱାକାଥନ୍ ଆଦି କାର୍ଯ୍ୟକ୍ରମର ଅଂଶବିଶେଷ ଥିଲା । ଅନ୍ତର୍ଜାତୀୟ ଦିବସ ପାଳନ ଅବସରରେ ବିଭାଗ ପକ୍ଷରୁ ଏକ ସ୍ମରଣିକା 'ଆମ କଥା' ଉନ୍ମୋଚନ କରାଯାଇଥିଲା । ଏଥିସହ ଜିଲ୍ଲାରେ ଭିନ୍ନକ୍ଷମମାନଙ୍କୁ ଥଇଥାନ କରିବା ଦିଗରେ ସମ୍ବଲପୁର ଓ ଭଦ୍ରକ ଜିଲ୍ଲା ପ୍ରଶାସନକୁ ସମ୍ବୋଧିତ କରାଯାଇଥିବା ବେଳେ ଶ୍ରେଷ୍ଠ ଡିଡିଆରସି ଭାବରେ ମୟୂରଭଞ୍ଜ ଜିଲ୍ଲାକୁ ସମ୍ମାନିତ କରାଯାଇଛି । ସେହପରି ଭିନ୍ନକ୍ଷମଙ୍କ ବିକାଶ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ଖାଦ୍ୟ ଅଧିକାର ଅଭିଯାନ ପକ୍ଷରୁ ମନ୍ତ୍ରୀଙ୍କୁ ଚିଠି

# ମାଗଣା ରାସନରେ ସାମିଲ କର ଡାଲି, ତେଲ

**ଭୁବନେଶ୍ୱର,୦୪/୧୨ ନ୍ୟୁଜ ବ୍ୟୁରୋ**
ସାଧାରଣ ତଥା ଆର୍ଥିକ ପଛୁଆ ବର୍ଗର ଜନତାଙ୍କ ହିତ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ସେଥି ମଧ୍ୟରୁ ରାସନ କାର୍ଡ ହେଉଛି ଏକ ପ୍ରମୁଖ ଯୋଜନା । ଏହା ଦ୍ୱାରା 'ଜାତୀୟ ଖାଦ୍ୟ ସୁରକ୍ଷା ଆଇନ'ଅନୁଯାୟୀ ଗରିବ ଲୋକଙ୍କୁ ମାଗଣା ରାସନ ସାମଗ୍ରୀ ଯୋଗାଇ ଆସୁଛନ୍ତି ସରକାର । ଏହି କାର୍ଡର ହିତାଧିକାରୀଙ୍କ ପାଇଁ କେବଳ ରାସନ ସାମଗ୍ରୀ ନୁହଁ ବରଂ ଆହୁରି ଅନେକ ସୁବିଧା ଯୋଗାଇ ଦେଉଛି । ଏହାରି ମଧ୍ୟରେ ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ଡାଲି ଓ ତେଲକୁ ମଧ ମାଗଣା ରାସନ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ମନ୍ତ୍ରୀଙ୍କୁ ଚିଠି ଲେଖିଛି ଓଡ଼ିଶା ଖାଦ୍ୟ ଅଧିକାର ଅଭିଯାନ । ଏଥିସହ ରାଜ୍ୟର ପିଡିଏସ ବ୍ୟବସ୍ଥାରେ ଥିବା ପ୍ରମୁଖ ସମସ୍ୟାଗୁଡ଼ିକର ସମାଧାନ ଲାଗି ୯ଟି ପରାମର୍ଶ ସହ ବିଭାଗୀୟ ମନ୍ତ୍ରୀକୁ ଲେଖିଛି ଚିଠି । ତେବେ ଓଡ଼ିଶା ଖାଦ୍ୟ ଅଧିକାର ଅଭିଯାନ ପକ୍ଷରୁ ଭୁବନେଶ୍ୱରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଖାଦ୍ୟ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୫୦ରୁ ଅଧିକ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ରାଜ୍ୟରେ ପିଡିଏସ୍ କାର୍ଯ୍ୟକାରିତାରେ ଅନେକ ସମସ୍ୟା ଥିବା ଜଣାପଡ଼ିଲା । ଯାହାର ଦ୍ରୁତ ସମାଧାନ ଲାଗି ସରକାରଙ୍କ ଦୃଷ୍ଟିଗୋଚର କରିବା ଲାଗି ଅଭିଯାନ ପକ୍ଷରୁ ପରାମର୍ଶ ଦିଆଯାଇଛି । ସେହିପରି ବିଭାଗର ୱେବ୍ ପୋର୍ଟାଲକୁ ପାରଦର୍ଶୀ କରାଯିବାକୁ ଦିଆଯାଇଛି ନିର୍ଦ୍ଦେଶ । ଫଳରେ ହିତାଧିକାରୀ, ସାଧାରଣ ଲୋକ, ସାମାଜିକ କର୍ମୀମାନେ ରାସନ ସମ୍ପର୍କିତ ପାଇପାରିବେ ଆବଶ୍ୟକ ସୂଚନା । ଏହାବ୍ୟତୀତ ରାସନ ଜଡ଼ିତ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଠିକରେ କାମ କରୁନାହିଁ । ପଞ୍ଚାୟତରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଭିଜିଲାନ୍ସ କମିଟି ପୁନର୍ଗଠନ କରି ସଦସ୍ୟମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଉ । ଏଥିସହ ଅଭିଯୋଗ ଶୁଣାଣି ଲାଗି ସ୍ୱତନ୍ତ୍ର ଫୋନ୍ ନମ୍ବର ଏବଂ ହ୍ୱାଟସ୍‌ଆପ୍ ନମ୍ବର ଜାରି କରନ୍ତୁ । ଓଡ଼ିଶା ପିଡିଏସ କଣ୍ଟ୍ରୋଲ ଅର୍ଡର ପ୍ରସ୍ତୁତ ହୋଇଥିଲା । ବର୍ତ୍ତମାନର ଡିଜିଟାଲ ଯୁଗରେ ଏହାକୁ ସଂଶୋଧିତ କରି ଯୁଗୋପଯୋଗୀ କରାଯାଉ ବୋଲି ଚିଠିରେ ଉଲ୍ଲେଖ ରହିଛି ।


**ପ୍ରକାଶ ଅପେକ୍ଷାରେ...**

**ମାସିକ ଗଳ୍ପ ପତ୍ରିକା 'କଥାକଳିକା': ଡିସେମ୍ବର-୨୪ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ ।
**ସମକାଳର କଥା :** ସୀମାଞ୍ଚଳ ଦାଶ, ବିପ୍ଳବ ରଞ୍ଜନ ପତି, ରଜନୀକାନ୍ତ ମିଶ୍ର, କନକମଞ୍ଜରୀ ମିଶ୍ର, ବିଦ୍ୟାଧର ଗୁରୁ, ମନୋଜ କୁମାର ଜେନା, ସୁକାନ୍ତି ରାଉତ, ସ୍ୱାଗତିକା ସେଠୀ ।
**ଅନ୍ୟ ଭାଷାର କଥା :** ଅଶୋକ କୁମାର ସା ।
**ଯୁବ ମାନସର କଥା :** ସନ୍ତୋଷୀ ସ୍ୱାଇଁ, ପାରମିତା ସାହୁ, ପ୍ରଭାତୀ ଜେନା, ସୁଷମା ଲେଙ୍କା, ବିନୋଦିନୀ ଗନ୍ତାୟତ, ପଦ୍ମାଳୟା ପାଢ଼ୀ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ନିଆଁରେ ପୋଡ଼ି ହୋଇ ଆଖି ବୁଜିଲେ ମାଆ ଓ ୪ ମାସର ଶିଶୁକନ୍ୟା

**କଟକ, ୪/୧୨ ନ୍ୟୁଜ ବ୍ୟୁରୋ**
ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି ମାଆ ଓ ଶିଶୁ । ଏଭଳି ଏକ ଅଘଟଣ କଟକ ଜଗତପୁର ଥାନା ଆତୋଡା ଗାଁରେ ଘଟିଛି । ଏହି ଘଟଣା ପରେ ସ୍ୱାମୀକୁ ଅଟକ ରଖି ପଚରାଉଚରା କରୁଛି ଜଗତପୁର ପୁଲିସ । ପ୍ରାଥମିକ ତଦନ୍ତ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଦେହରେ କିରୋସିନ ଢାଳି ନିଜ ୪ ମାସର ଶିଶୁକନ୍ୟାକୁ ଧରି ଆତ୍ମହତ୍ୟା ଉଦ୍ୟମ କରିଥିଲେ ସୁଚିସ୍ମିତା ମହାନ୍ତି । ପାରିବାରିକ କଳହରୁ ଏଭଳି କରିଥିବା କୁହାଯାଉଥିବା ବେଳେ ସୁଚିସ୍ମିତାଙ୍କ ମାଆ ରଶ୍ମିତା ମହାନ୍ତି ଯୌତୁକ ନିର୍ଯାତନା ଆଣି ଜଗତପୁର ଥାନାରେ ଏତଲା ଦେଇଛନ୍ତି । ଏତଲାରେ ସ୍ୱାମୀ, ଶାଶୂ ଓ ବିବାହିତା ନଣନ୍ଦ ନାମ ଉଲ୍ଲେଖ କରିଛନ୍ତି ।
ସୂଚନାନୁଯାୟୀ, ୧୦/୧୨/୨୦୨୩ରେ ବୈଦିକ ରୀତିରେ ସୌରି ଗାଁର ସୁଚିସ୍ମିତା ମହାନ୍ତି ଆତୋଡ଼ା ଗାଁର ଶୁଭ ରଞ୍ଜନ ଲେଙ୍କାଙ୍କୁ ବିବାହ କରିଥିଲେ । ବିବାହ ସମୟରେ ଶାଶୂଘର ଲୋକଙ୍କ ଡିମାଣ୍ଡ ମୁତାବକ ସମସ୍ତ ଟଙ୍କା, ଆସବାବ ପତ୍ର ଓ ସୁନା ଅଳଙ୍କାର ଦେଇଥିଲେ । ତେବେ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଶାଶୂଘର ଲୋକ କିରୋସିନ ଢାଳି ମାଆ ଝିଅକୁ ମାରି ଦେଇଥିବା ମୃତା ସୁଚିସ୍ମିତାର ମାଆ ଓ ଭଉଣୀ ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ ମୃତା ସୁଚିସ୍ମିତାଙ୍କ ମାଆଙ୍କ ଏତଲାକୁ ଭିତ୍ତି କରି ପୁଲିସ କେଶ ନଂ ୬୧୫ / ୨୪ ଏକ ମାମଲା ରୁଜୁ କରିଛି । ପ୍ରଥମେ ପାରିବାରିକ କଳହକୁ କେନ୍ଦ୍ର କରି ମହିଳା ଜଣକ ତାଙ୍କ ଶିଶୁ କନ୍ୟାକୁ ଧରି ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ଜଣାପଡିଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କ ମାଆ ହତ୍ୟା ଅଭିଯୋଗ ଆଣିଛନ୍ତି । ପୁଲିସ ମହିଳାଙ୍କ ସ୍ୱାମୀକୁ ଅଟକ ରଖି ପଚରାଉଚରା କରୁଛି ବୋଲି କଟକ ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି ।

## ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ କେନ୍ଦ୍ର ନିକଟରେ ବିଜେଡିର ଦାବି ଉପସ୍ଥାପନ

**ଭୁବନେଶ୍ୱର, ୪/୧୨ ନ୍ୟୁଜ ବ୍ୟୁରୋ**
ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରିଛି ବିଜେଡି । ବୁଧବାର ଏସ୍‌ଟି କମିଶନ ଅଧକ୍ଷ ଅନ୍ତର ସିଂହ ଆର୍ଯ୍ୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀ । ବରିଷ୍ଠ ବିଜେଡି ନେତା ଦେବୀପ୍ରସାଦ ମିଶ୍ର, ରମେଶ ମାଝୀ, ପ୍ରଦୀପ ମାଝୀ ପ୍ରମୁଖଙ୍କ ସହ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଯୋଗ ଦେଇଥିଲେ । ପୋଲାଭରମ ପ୍ରକଳ୍ପରେ ଓଡ଼ିଶାର ମତାମତ ନେବା, ୨୦୧୪ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରକଳ୍ପରେ ଆଡ଼ିବନ୍ଧ ତିଆରି କରିବା ଏବଂ ଓଡ଼ିଶାର ମାଲକାନଗିରି ଆଦିବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କେନ୍ଦ୍ରର ହସ୍ତକ୍ଷେପ ପାଇଁ ବିଗତ ୨ ଦିନ ହେଲା ବିଜୁଜନତା ଦଳ ତରଫରୁ ସାଂସଦ ଏବଂ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ମନ୍ତ୍ରଣାଳୟ ବୁଲିବା ସହ ବୁଧବାର ଏସ୍‌ଟି କମିଶନର ଅଧକ୍ଷ ଅନ୍ତର ସିଂହ ଆର୍ଯ୍ୟଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି ।